ଆଜି - ସୋମବାର
ତାରିଖ - ୧୬ ମାର୍ଚ୍ଚ ୨୦୨୬
ମାସ - ମୀନ, ଦିନ - ୦୨
ତିଥି - ଦ୍ୱାଦଶୀ
ନକ୍ଷତ୍ର - ଶ୍ରବଣା ମଳ, ମକର, ଚନ୍ଦ୍ର
ସୂର୍ଯ୍ୟୋଦୟ - ୬ : ୪୮ : ୦୦
ସୂର୍ଯ୍ୟାସ୍ତ - ୫ : ୪୩ : ୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ନିଜର ପଡ଼ୋଶୀମାନଙ୍କୁ ନିଜ ଭଳି ଭଲପାଅ, କାରଣ ତୁମେ ନିଜେ ହିଁ ତୁମର ପଡ଼ୋଶୀ । ତୁମର ପଡ଼ୋଶୀ ତୁମେ ନିଜେ ନୁହେଁ, ଅନ୍ୟ କେହି ବୋଲି ଭାବିବା ତୁମର ଭ୍ରମ ।"
- ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍


E-mail: ajikalibls@gmail.com
E-News : www.theajikali.com

Vol.- 40 ISSUE- 331 R.N.I. REGD. No. 44026/86 ବାଲେଶ୍ୱର ୧୬ ମାର୍ଚ୍ଚ ୨୦୨୬ ସୋମବାର BALASORE 16 MARCH 2026 MONDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦


## ନୂଆଦିଲ୍ଲୀରେ ଓଡ଼ିଶା ପର୍ବ -୨୦୨୬ରେ ଯୋଗ ଦେଲେ ରାଜ୍ୟପାଳ




ଭୁବନେଶ୍ୱର : ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ରବିବାର ଦିନ ନୂଆଦିଲ୍ଲୀଠାରେ ଆୟୋଜିତ ଓଡ଼ିଶା ପର୍ବ-୨୦୨୬ରେ ଯୋଗଦେଇ ଓଡ଼ିଶା ୨୦୩୬ ମସିହାରେ ରାଜ୍ୟ ଗଠନର ଶତବାର୍ଷିକୀ ପୂର୍ତ୍ତି ଆଡ଼କୁ ଗତି କରୁଥିବା ବେଳେ ସମୃଦ୍ଧ, ସମାବେଶୀ ଓ ଅଗ୍ରଗାମୀ ବିକଶିତ ଓଡ଼ିଶା ଗଢ଼ିବା ପାଇଁ ସାମୂହିକ ସଂକଳ୍ପ ନେବାକୁ ଆହ୍ୱାନ ଜଣାଇଛନ୍ତି । ଏହି ଅବସରରେ ରାଜ୍ୟପାଳ କହିଥିଲେ ଯେ ୨୦୩୬ ବର୍ଷ କେବଳ ଓଡ଼ିଶାର ଐତିହାସିକ ଯାତ୍ରାର ଏକ ମହତ୍ୱପୂର୍ଣ୍ଣ ଅଧ୍ୟାୟ ନୁହେଁ ବରଂ ରାଜ୍ୟର ଉପଲବ୍ଧିଗୁଡ଼ିକୁ ସ୍ମରଣ କରି ଏହାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷିତ ରଖି ଆହୁରି ଶକ୍ତିଶାଳୀ ଓ ବିକଶିତ ଓଡ଼ିଶା ଗଢ଼ିବା ପାଇଁ ସମସ୍ତଙ୍କୁ ଏକତ୍ରିତ ହୋଇ କାମ କରିବାର ସୁଯୋଗ ମଧ୍ୟ ହେବ । ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ ନୂଆଦିଲ୍ଲୀରେ ଆୟୋଜିତ ଓଡ଼ିଶା ପର୍ବରେ ଯୋଗଦେବା ତାଙ୍କ ପାଇଁ ଅତ୍ୟନ୍ତ ଆନନ୍ଦ ଓ ଗୌରବର ବିଷୟ । ଏହି ପର୍ବ ନୂଆଦିଲ୍ଲୀରେ ଓଡ଼ିଶାର ଆତ୍ମା, ଚେତନା ଓ ସାଂସ୍କୃତିକ ସମୃଦ୍ଧିକୁ ପ୍ରଦର୍ଶନ କରିବାର ଏକ ପ୍ରକୃଷ୍ଟ ମଂଚ ଭାବେ ପରିଣତ ହୋଇଛି । ବର୍ଷ ବର୍ଷ ଧରି ଏହି ଉତ୍ସବ ଏକ ଅନନ୍ୟ ଆୟୋଜନରେ ପରିଣତ ହୋଇଛି ଯେଉଁଥିରେ କଳା, ସଂସ୍କୃତି, ଐତିହ୍ୟ, ଉଦ୍ୟମିତା ଓ ବିଶ୍ୱବ୍ୟାପୀ ରହୁଥିବା ଓଡ଼ିଆମାନଙ୍କର ସାମୂହିକ ପରିଚୟ ଏକତ୍ର ହୋଇଥାଏ ବୋଲି ରାଜ୍ୟପାଳ ମତପ୍ରକାଶ କରିଥିଲେ । ଚଳିତ ବର୍ଷର ବିଷୟବସ୍ତୁ "ସଂସ୍କୃତି ଓ ପ୍ରକୃତି" ବିଷୟରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଏହା ଓଡ଼ିଶାର ଅନନ୍ୟ ଚରିତ୍ରକୁ ସୁନ୍ଦର ଭାବେ ପ୍ରତିଫଳିତ କରିପାରିଛି ଯେଉଁଠାରେ ସଂସ୍କୃତି ଓ ପ୍ରକୃତିର ସମନ୍ୱୟ ଘଟିଛି । ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ଶାସ୍ତ୍ରୀୟ ଓ ଲୋକନୃତ୍ୟ ପ୍ରଦର୍ଶନ, ପାରମ୍ପରିକ ସଙ୍ଗୀତ, ଖାଦ୍ୟ ପରମ୍ପରା ଏବଂ ବୁଦ୍ଧିଜୀବୀ ଆଲୋଚନା ମାଧ୍ୟମରେ ଏହି ପର୍ବ ଦର୍ଶକମାନଙ୍କୁ ଓଡ଼ିଶାର ଜୀବନ୍ତ ଜୀବନଧାରା ଓ ସମୃଦ୍ଧ ଐତିହ୍ୟର ଏକ ଦୃଶ୍ୟ ପ୍ରଦାନ କରିପାରିଛି । ନୂଆଦିଲ୍ଲୀର ଓଡ଼ିଆ ସମାଜକୁ ଏହି ଉତ୍ସବର ସଫଳ ଆୟୋଜନ ପାଇଁ ରାଜ୍ୟପାଳ ଅଭିନନ୍ଦନ ଜଣାଇବା ସହିତ ଜାତୀୟ ଓ ବିଶ୍ୱସ୍ତରରେ ଓଡ଼ିଆ ସଂସ୍କୃତି, ଐତିହ୍ୟ ଓ ପରିଚୟକୁ ପ୍ରଚାର ପ୍ରସାର କରିବାରେ ଅନୁଷ୍ଠାନର ସମର୍ପିତ ପ୍ରୟାସକୁ ପ୍ରଶଂସା କରିଥିଲେ । ଓଡ଼ିଶାର ସମୃଦ୍ଧ ସଭ୍ୟତାଗତ ଐତିହ୍ୟକୁ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ରାଜ୍ୟର ପରିଚୟ ମହାପ୍ରଭୁ ଜଗନ୍ନାଥଙ୍କଠାରେ ଗଭୀର ଭାବେ ନିହିତ ଯାହା ସମାନତା, ସମନ୍ୱୟ ଓ ବିଶ୍ୱଭ୍ରାତୃତ୍ୱର ସନ୍ଦେଶ ଦେଇ ପିଢ଼ୀ ପରେ ପିଢ଼ୀକୁ ପ୍ରେରିତ କରିଆସିଛି । ରାଜ୍ୟର ବୌଦ୍ଧିକ ଓ ସାଂସ୍କୃତିକ ପରିସରକୁ ଗଢ଼ି ତୋଳିବାରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ଫକିର ମୋହନ ସେନାପତି ଓ ଗଙ୍ଗାଧର ମେହେରଙ୍କ ପରି ପ୍ରସିଦ୍ଧ ବ୍ୟକ୍ତିତ୍ୱମାନଙ୍କର ଅମୂଲ୍ୟ ଅବଦାନକୁ ରାଜ୍ୟପାଳ ନିଜ ଉଦବୋଧନରେ ଅବତାରଣା କରିଥିଲେ । ଏତଦବ୍ୟତୀତ ଓଡ଼ିଶା ନିଜ ଐତିହ୍ୟକୁ ସୁରକ୍ଷିତ ରଖିବା ସହିତ ଶିକ୍ଷା, ନବସୃଜନ ଓ ଆର୍ଥିକ ସୁଯୋଗର ଏକ କେନ୍ଦ୍ର ଭାବେ ଅଗ୍ରସର ହେଉଛି ଏବଂ ଭାରତର ପ୍ରଗତି ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବାର ଅପାର ସମ୍ଭାବନା ରଖିଛି ବୋଲି ରାଜ୍ୟପାଳ କହିଥିଲେ ।

## ପାରାଦୀପରେ ପ୍ରତିଷ୍ଠା ହେବାକୁ ଥିବା ବିଭିନ୍ନ ଶିଳ୍ପ ସମ୍ବନ୍ଧରେ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ



ପାରାଦୀପ : ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପାରାଦୀପରେ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ବୃହତ୍ ଶିଳ୍ପ ପ୍ରତିଷ୍ଠା ସଂପର୍କରେ ଏକ ସମୀକ୍ଷା ବୈଠକ କରିଛନ୍ତି । ବୈଠକରେ ଆଗାମୀ ଦିନରେ ପାରାଦୀପ ଭାରତର ଏକ ବଡ ଇକୋନୋମିକ ଜୋନ ହେବାକୁ ଯାଉଛି ବୋଲି ମତ ଦେଇ ଏହି ଅଂଚଳରେ ସ୍ଥାପିତ ହେବାକୁ ଥିବା ସମସ୍ତ ଭିତିଭୂମି ଓ ଶିଳ୍ପ ପ୍ରକଳ୍ପ ଗୁଡ଼ିକ ଯେପରି ତୁରନ୍ତ ଆରମ୍ଭ ହେବ, ସେଥିପାଇଁ ପଦକ୍ଷେପ ନେବାକୁ ସେ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ପାରାଦୀପ ପୋର୍ଟର ସମ୍ପ୍ରସାରଣ, ଜାହାଜ ନିର୍ମାଣ ଓ ମରାମତି କାରଖାନା, ବନ୍ଦର ବିକାଶ ପାଇଁ ଆବଶ୍ୟକ ବିଭିନ୍ନ ପ୍ରକଳ୍ପ, ଓଡଉଖ ଏବଂ ଔଝଡ ପକ୍ଷରୁ ବିକଶିତ ହେବାକୁଥିବା ଶିକ୍ଷାନୁଷ୍ଠାନ ବିଷୟରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଇକୋନୋମିକ ରିଜନ, ଇଗଘଝ ଓଭୟସବ ପକ୍ଷରୁ ପାରାଦୀପରେ ବିକଶିତ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା ସହ ପାରାଦ୍ୱୀପ ପେଟ୍ରୋ କେମିକାଲ ପ୍ରକଳ୍ପ , ଇଣ୍ଟିଗ୍ରେଟେଡ ଷ୍ଟିଲ ପ୍ରୋଜେକ୍ଟ ପ୍ରତିଷ୍ଠା ସହିତ ଏସବୁ ପ୍ରକଳ୍ପ ଗୁଡିକର ଭୂମି ଅଧିଗ୍ରହଣ ଠାରୁ ଆରମ୍ଭ କରି ବିଭିନ୍ନ ଅନୁମୋଦନ ଏବଂ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା । ପଡିରହିଥିବା କାର୍ଯ୍ୟକୁ ଯଥାଶିଘ୍ର ସମାଧାନ କରି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କାମକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପ୍ରଶାସନ ଓ ଶିକ୍ଷାନୁଷ୍ଠାନ ର ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ଶିକ୍ଷାନୁଷ୍ଠାନରେ ଓଡ଼ିଶା ର ଯୁବପିଢୀ ବିଶେଷ କରି ସ୍ଥାନୀୟ ଯୁବଗୋଷ୍ଠୀ ଙ୍କୁ ନିଯୁକ୍ତି ଦେବାପାଇଁ ମୁଖ୍ୟମନ୍ତ୍ରୀ ପ୍ରାଧାନ୍ୟ ଦେଇଥିଲେ । ଏହି ବୈଠକରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ଶିଳ୍ପିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଜଗତସିଂପୁର ଜିଲ୍ଲାପାଳ ଜେ ସୋନାଲ, ପାରାଦୀପ ବନ୍ଦର କର୍ତୃପକ୍ଷ, ଆଇ ଓ ସି ଏଲ୍, ଜେ ଏସ ଡବ୍ଲୁ, ଏ ଏମ ଏନ୍ ଏସ ଇଣ୍ଡିଆ ର ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଇତିହାସରୁ ଶିକ୍ଷା ନେଇ 'ବିକଶିତ ଓଡ଼ିଶା' ଓ ବିକଶିତ ଭାରତ ଗଢ଼ିବା : ଧର୍ମେନ୍ଦ୍ର ପ୍ରଧାନ




ସମ୍ବଲପୁର : ଅତୀତର ଗୌରବମୟ ଇତିହାସ ହିଁ ଭବିଷ୍ୟତର ସମୃଦ୍ଧି ପାଇଁ ଶ୍ରେଷ୍ଠ ମାର୍ଗଦର୍ଶକ । ଇତିହାସର ଦର୍ପଣରେ ଆମର ସଭ୍ୟତା ଓ ସଂସ୍କୃତିକୁ ବୁଝି 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ' ଗଠନ ପାଇଁ ଏକ ନୂତନ ପଥ ପ୍ରସ୍ତୁତ କରିବା ଆଜିର ସମୟର ଆହ୍ୱାନ । ରବିବାର ସମ୍ବଲପୁରରେ ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନ ଦ୍ୱାରା ଆୟୋଜିତ ପ୍ରାନ୍ତୀୟ ଅଧିବେଶନ "ଶିଖର-୨୦୨୬" ରେ ଯୋଗଦେଇ ଏହିପରି ଏକ ପ୍ରେରଣାଦାୟୀ ବାର୍ତ୍ତା ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଭାରତର ପ୍ରାଚୀନ ସଭ୍ୟତାଠାରୁ ଆରମ୍ଭ କରି ୨୦୪୭ର ବିକଶିତ ଭାରତର ସଂକଳ୍ପ ପର୍ଯ୍ୟନ୍ତ, ମାରୱାଡ଼ି ସମାଜର ଭୂମିକା ଓ ଓଡ଼ିଶାର ଅର୍ଥନୈତିକ ପ୍ରଗତିକୁ ନେଇ ସେ ଏକ ଦୂରଦୃଷ୍ଟିସମ୍ପନ୍ନ ରୋଡମ୍ୟାପ୍ ଉପସ୍ଥାପନ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ, ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନର ଏହି ଅଧିବେଶନ କେବଳ ଏକ ସଭା ନୁହେଁ, ବରଂ ଏହା ଏକ ଏକତା, ସଂକଳ୍ପ ଏବଂ ଭବିଷ୍ୟତ ପାଇଁ ଏକ ନୂତନ ଦିଗଦର୍ଶନର ମଂଚ । ଭାରତ ଆଜି ବିଶ୍ୱର ଚତୁର୍ଥ ବୃହତମ ଅର୍ଥନୀତି ହୋଇଥିବା ବେଳେ ଏହି ସଫଳତାରେ ସବୁ ନାଗରିକଙ୍କ ସହ ମାରୱାଡ଼ି ସମାଜର ବିଶେଷ ଅବଦାନ ଓ ଦାୟିତ୍ୱ ରହିଛି । ସେହିପରି ଭାରତୀୟ ସଂସ୍କୃତି, ପରମ୍ପରା ଓ ସଭ୍ୟତାକୁ ଆଗେଇ ନେବାରେ ମାରୱାଡି ସମାଜର ଯଥେଷ୍ଟ ଅବଦାନ ରହିଛି । ଅତୀତରେ ସୋମନାଥ ମନ୍ଦିର ଉପରେ ଆକ୍ରମଣ ଓ ଗୁଲାମୀ କାରଣରୁ ଆମେ ଆମର ଅନେକ ଗୌରବମୟ ଇତିହାସ ଭୁଲିଯାଇଥିଲେ । ମାତ୍ର ବର୍ତ୍ତମାନ ଇତିହାସର ଦର୍ପଣରେ ଭବିଷ୍ୟତ ପାଇଁ ମାର୍ଗ ପ୍ରସ୍ତୁତ କରିବାର ସମୟ ଆସିଛି । ବର୍ତ୍ତମାନ ଆମେ ଏପରି ଏକ ସମୟରେ ଉପନୀତ ହୋଇଛେ, ଯେଉଁଠି ଆମର ଲକ୍ଷ୍ୟ ହୋଇଛି ୨୦୩୬ସୁଦ୍ଧା ଓଡ଼ିଶାକୁ ସମୃଦ୍ଧ କରିବା ସହ ୨୦୪୭ସୁଦ୍ଧା ବିକଶିତ ଭାରତ ଗଠନ କରିବା ପାଇଁ ଦାୟିତ୍ୱ ନେବାକୁ ହେବ । ବିକଶିତ ଭାରତର ସ୍ୱପ୍ନ ବିକଶିତ ଓଡ଼ିଶା ବିନା ପୂରଣ ହୋଇପାରିବ ନାହିଁ । ବିକଶିତ ଭାରତ ଗଠନ କରିବାକୁ ହେଲେ ପ୍ରଥମେ ଓଡ଼ିଶାର ୫୦ ହଜାରରୁ ଅଧିକ ଥିବା ଗାଁକୁ ବିକଶିତ କରିବାକୁ ହେବ ।

## ପଦ୍ମ ପୁରସ୍କାର -୨୦୨୭ ପାଇଁ ନାମାଙ୍କନ ଆରମ୍ଭ



ଭୁବନେଶ୍ୱର : ଗଣତନ୍ତ୍ର ଦିବସ ୨୦୨୭ ଅବସରରେ ଘୋଷଣା ହେବାକୁ ଥିବା ପଦ୍ମ ପୁରସ୍କାର-୨୦୨୭ ପାଇଁ ନାମାଙ୍କନ/ସୁପାରିଶ ପ୍ରକ୍ରିୟା ୧୫ ମାର୍ଚ୍ଚ ୨୦୨୬ରୁ ଆରମ୍ଭ ହୋଇଛି । ଏହି ପୁରସ୍କାର ପାଇଁ ନାମାଙ୍କନର ଶେଷ ତାରିଖ ୩୧ ଜୁଲାଇ ୨୦୨୬ ରହିଛି । ପଦ୍ମ ପୁରସ୍କାର ପାଇଁ ସମସ୍ତ ନାମାଙ୍କନ ଓ ସୁପାରିଶ କେବଳ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ (https://awards.gov.in) ମାଧ୍ୟମରେ ଅନଲାଇନ୍ରେ ଗ୍ରହଣ କରାଯିବ । ପଦ୍ମ ପୁରସ୍କାର ଯଥା - ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଏବଂ ପଦ୍ମଶ୍ରୀ, ଦେଶର ସର୍ବୋଚ୍ଚ ନାଗରିକ ପୁରସ୍କାର ମଧ୍ୟରେ ଅନ୍ତର୍ଭୁକ୍ତ । ୧୯୫୪ ମସିହାରେ ପ୍ରତିଷ୍ଠିତ ଏହି ପୁରସ୍କାରଗୁଡ଼ିକ ପ୍ରତିବର୍ଷ ଗଣତନ୍ତ୍ର ଦିବସ ଅବସରରେ ଘୋଷଣା କରାଯାଏ । ଏହି ପୁରସ୍କାର 'ବିଶେଷ କାର୍ଯ୍ୟ'କୁ ସ୍ୱୀକୃତି ଦେବା ପାଇଁ ଉଦ୍ଦିଷ୍ଟ ଏବଂ କଳା, ସାହିତ୍ୟ ଏବଂ ଶିକ୍ଷା, କ୍ରୀଡା, ଔଷଧ, ସମାଜସେବା, ବିଜ୍ଞାନ ଏବଂ ଇଞ୍ଜିନିୟରିଂ, ସାର୍ବଜନୀନ ବ୍ୟାପାର, ନାଗରିକ ସେବା, ବାଣିଜ୍ୟ ଏବଂ ଶିଳ୍ପ ଇତ୍ୟାଦି ସମସ୍ତ କ୍ଷେତ୍ରରେ ଉଲ୍ଲେଖନୀୟ ଓ ଅସାଧାରଣ ସଫଳତା/ସେବା ପାଇଁ ପ୍ରଦାନ କରାଯାଏ । ଜାତି, ବୃତ୍ତି, ପଦବୀ କିମ୍ବା ଲିଙ୍ଗ ନିର୍ବିଶେଷରେ ସମସ୍ତ ବ୍ୟକ୍ତି ଏହି ପୁରସ୍କାର ପାଇଁ ଯୋଗ୍ୟ ହୋଇଥାନ୍ତି । ଡାକ୍ତର ଏବଂ ବୈଜ୍ଞାନିକମାନଙ୍କୁ ଛାଡି ପିଏସୟୁରେ କାମ କରୁଥିବା କର୍ମଚାରୀଙ୍କ ସମେତ ସମସ୍ତ ସରକାରୀ କର୍ମଚାରୀ ପଦ୍ମ ପୁରସ୍କାର ପାଇଁ ଯୋଗ୍ୟ ହୋଇନଥାନ୍ତି । ସରକାର ପଦ୍ମ ପୁରସ୍କାରକୁ "ଲୋକମାନଙ୍କର ପଦ୍ମ" ରେ ପରିଣତ କରିବାକୁ ପ୍ରତିବଦ୍ଧ । ସେଥିପାଇଁ ସମସ୍ତ ନାଗରିକଙ୍କୁ ସ୍ୱ-ନାମାଙ୍କନ ସମେତ ଯୋଗ୍ୟ ବ୍ୟକ୍ତିମାନଙ୍କୁ ମନୋନୟନ/ସୁପାରିଶ କରିବାକୁ ଅନୁରୋଧ କରାଯାଇଛି । ବିଶେଷତଃ ମହିଳା, ସମାଜର ଦୁର୍ବଳ ବର୍ଗ, ଅନୁସୂଚିତ ଜାତି ଓ ଜନଜାତି, ଦିବ୍ୟାଙ୍ଗ ବ୍ୟକ୍ତି ଏବଂ ସମାଜସେବାରେ ନିଃସ୍ୱାର୍ଥଭାବେ ନିୟୋଜିତ ପ୍ରତିଭାଶାଳୀ ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରି ଆଗକୁ ଆଣିବା ପାଇଁ ସମନ୍ୱିତ ପ୍ରୟାସ କରିବାକୁ ଆହ୍ୱାନ ଜଣାଇଯାଇଛି, ଯାହାଦ୍ୱାରା ସେମାନଙ୍କର ଉତ୍କର୍ଷତା ଓ ଅସାଧାରଣ ସେବା ଯଥୋଚିତ ସ୍ୱୀକୃତି ପାଇପାରିବ । ନାମାଙ୍କନ/ସୁପାରିଶପତ୍ରରେ ଉପରୋକ୍ତ ପୋର୍ଟାଲରେ ଉପଲବ୍ଧ ଫର୍ମାଟରେ ଉଲ୍ଲେଖ କରାଯାଇଥିବା ସମସ୍ତ ପ୍ରାସଙ୍ଗିକ ବିବରଣୀ ରହିବା ଉଚିତ୍, ଯାହା ସୁପାରିଶ କରାଯାଇଥିବା ବ୍ୟକ୍ତିଙ୍କର / ତାଙ୍କର ସମ୍ପୃକ୍ତ କ୍ଷେତ୍ର/ ବିଭାଗରେ ବିଶିଷ୍ଟ ଏବଂ ଅସାଧାରଣ ସଫଳତା/ସେବାକୁ ସ୍ପଷ୍ଟ ଭାବରେ ପ୍ରକାଶ କରିବ । ଏହି ସମ୍ବନ୍ଧୀୟ ବିବରଣୀ ଗୃହ ମନ୍ତ୍ରଣାଳୟର ୱେବସାଇଟ୍ (https://mha.gov.in) ଏବଂ ପଦ୍ମ ପୁରସ୍କାର ପୋର୍ଟାଲ୍ (https://padmaawards.gov.in) ରେ 'ପୁରସ୍କାର ଏବଂ ପଦକ' ଶୀର୍ଷକରେ ମଧ୍ୟ ଉପଲବ୍ଧ । ଏହି ପୁରସ୍କାର ସମ୍ବନ୍ଧୀୟ ନିୟମ ଏବଂ ବିବରଣୀ https://padmaawards.gov.in/AboutAwards.aspx ଲିଙ୍କ୍ ରେ ୱେବସାଇଟ୍ରେ ଉପଲବ୍ଧ ।

### ଅଳ୍ପରେ ଖବର

» କରଞ୍ଜିଆରେ କାଳବୈଶାଖୀ ତାଣ୍ଡବ । ପ୍ରଭାବରେ ଏକ ଅଟୋ ଓ ସ୍କୁଟିକୁ ଉଡି ପୋଖରୀରେ ପଡିଥିଲା । ଏଥିରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଗୁରୁତର ହୋଇଛନ୍ତି ।

» ନେପାଳରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଖାଇକୁ ଖସିଲା ଯାତ୍ରୀବାହୀ ବସ୍ । ଦୁର୍ଘଟଣାରେ ୭ ଜଣ ଭାରତୀୟ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ୯ ଜଣ ଆହତ ହୋଇଥିବା ନେଇ ପୁଲିସ ସୂଚନା ଦେଇଛି ।

## ରାଜ୍ୟରେ ୧୮ ଯାଏ ଝଡ଼ବର୍ଷା ସମ୍ଭାବନା, ୩ ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ



ଭୁବନେଶ୍ୱର: ଆସନ୍ତା ୧୮ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ କାଁ ଭାଁ ବର୍ଷା ହୋଇପାରେ । କାଳବୈଶାଖୀ ପ୍ରଭାବରେ ୧୫ ତାରିଖରେ ମୟୂରଭଞ୍ଜ ଓ କେନ୍ଦୁଝରରେ ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ଅଛି । ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଥିବାବେଳେ ଶନିବାର ୩ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା । ଝାରସୁଗୁଡାରେ ସର୍ବାଧିକ ତାପମାତ୍ରା ୪୦.୨ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ଏହା ତଳକୁ ସମ୍ବଲପୁର ୪୦ ଡିଗ୍ରୀ ଏବଂ ଟିଟିଲାଗଡରେ ୪୦ ଡିଗ୍ରୀ ରହିଥିଲା । ତେବେ ରବିବାରଠାରୁ ଗରମରୁ ସାମୟିକ ଆଶ୍ୱସ୍ତି ମିଳିବ ବୋଲି ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଉତର-ପୂର୍ବ ଉତରପ୍ରଦେଶର ମଧ୍ୟଭାଗରୁ ଛତିଶଗଡ଼ ଦେଇ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶା ପର୍ଯ୍ୟନ୍ତ ସମୁଦ୍ର ପତନଠାରୁ ୦.୯ କି.ମି. ଉଚ୍ଚରେ ଥିବା ଟ୍ରଫ୍ ଜାରି ରହିଛି । ଏହା ପ୍ରଭାବରେ ଆସନ୍ତା ୪ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ମେଘୁଆ ରହିବା ସହିତ ବିଭିନ୍ନ ସ୍ଥାନରେ ପବନ ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ । ରବିବାର ମୟୂରଭଞ୍ଜ ଓ କେନ୍ଦୁଝର ଜିଲାକୁ ଝଡ଼ବର୍ଷା ସହିତ ଘଡଘଡି ବିଜୁଳି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି । ସେହିପରି ଅନ୍ୟ ଜିଲାଗୁଡିକରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ସୂଚନା ଦିଆଯାଇଛି । ୧୬ ତାରିଖରେ ରାୟଗଡ଼ା, ମୟୂରଭଞ୍ଜ ଓ କେନ୍ଦୁଝରରେ ଝଡ଼ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଏହି ୩ ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ଆଗକୁ ବର୍ଷା ଥିବାରୁ ଆସନ୍ତା ୪ ଦିନ ରାଜ୍ୟରେ ଦିନ ତାପମାତ୍ରା ୩ରୁ ୫ ଡିଗ୍ରୀ କମିପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ୧୭ ଓ ୧୮ ତାରିଖରେ ଉତର ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି ।

## ପଶ୍ଚିମବଙ୍ଗ ଏବଂ ଆସାମ ସମେତ ପାଂଚଟି ରାଜ୍ୟର ନିର୍ବାଚନ ତାରିଖ ଘୋଷଣା କଲେ ନିର୍ବାଚନ ଆୟୋଗ




ନୂଆଦିଲ୍ଲୀ : ରବିବାର ନିର୍ବାଚନ କମିଶନ ପଶ୍ଚିମବଙ୍ଗ, କେରଳ, ତାମିଲନାଡ଼ୁ, ଆସାମ ଏବଂ ପୁଡୁଚେରୀରେ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି । ପଶ୍ଚିମବଙ୍ଗରେ ଦୁଇଟି ପର୍ଯ୍ୟାୟରେ ୨୩ ଏବଂ ୨୯ ଏପ୍ରିଲରେ, ଆସାମ, କେରଳ ଏବଂ ପୁଡୁଚେରୀରେ ୯ ଏପ୍ରିଲରେ ଏବଂ ତାମିଲନାଡୁରେ ୨୩ ଏପ୍ରିଲରେ ଭୋଟ୍ ଗ୍ରହଣ କରାଯିବ । ୪ ମଇରେ ସମସ୍ତ ଚାରୋଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଂଚଳରେ ଭୋଟ୍ ଗଣନା ଏକକାଳୀନ ହେବ । ନିର୍ବାଚନ ଫଳାଫଳ ଘୋଷଣା କରି ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କହିଛନ୍ତି ଯେ ଏହି ରାଜ୍ୟଗୁଡ଼ିକରେ ୧୭.୪ କୋଟି ଭୋଟର ଅଛନ୍ତି । ଏହି ରାଜ୍ୟଗୁଡ଼ିକରେ ୮୨୪ ବିଧାନସଭା ଆସନ ରହିଥିବା ବେଳେ ଏସଆଇଆର ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଛି । ଏହି ଚାରୋଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଂଚଳରେ, ବିଶେଷକରି ଭୋଟର ତାଲିକାରେ ବଡ଼ ଧରଣର ସଂଶୋଧନ ସମ୍ପୂର୍ଣ୍ଣ ହୋଇସାରିଛି, ଏବଂ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ ହୋଇଛି । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର, ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଏବଂ ବିବେକ ଜୋଶୀଙ୍କ ସହିତ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କରିବା ପାଇଁ ମାର୍ଚ୍ଚ ୧୦ ତାରିଖରେ ପଶ୍ଚିମବଙ୍ଗ ଗସ୍ତ କରିଥିଲେ । ସେମାନେ ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ଅନ୍ୟ ରାଜ୍ୟଗୁଡ଼ିକୁ ମଧ୍ୟ ଗସ୍ତ କରିଥିଲେ । ପଶ୍ଚିମବଙ୍ଗ ବିଧାନସଭାରେ ୨୯୪ଟି ଆସନ ଅଛି, ଯେଉଁଥିରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱିତା ଶାସକ ତୃଣମୂଳ କଂଗ୍ରେସ ଏବଂ ଭାରତୀୟ ଜନତା ପାର୍ଟି ମଧ୍ୟରେ ହେବ । ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମସି ୨୦୧୧ ମସିହାରୁ ରାଜ୍ୟରେ ଶାସନ କରିଆସୁଛି । ବଙ୍ଗଳାରେ ନିର୍ବାଚନ ୨୩ ଏବଂ ୨୯ ଏପ୍ରିଲରେ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ । ଭୋଟ ଗଣତି ୪ ମେ'ରେ ହେବ । ଆସାମରେ, ବର୍ତ୍ତମାନର ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର ଏବଂ କଂଗ୍ରେସ ୧୨୬ ବିଧାନସଭା ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ । ଆସାମରେ ନିର୍ବାଚନ ଏପ୍ରିଲ ୯ ତାରିଖରେ ଗୋଟିଏ ପର୍ଯ୍ୟାୟରେ ଅନୁଷ୍ଠିତ ହେବ । ଭୋଟ ଗଣତି ମେ ୪ ତାରିଖରେ ହେବ । କେରଳରେ, ୧୪୦ଟି ଆସନ ପାଇଁ ଲେଫ୍ଟ ଡେମୋକ୍ରାଟିକ ଫ୍ରଂଟ ଏବଂ ୟୁନାଇଟେଡ୍ ଡେମୋକ୍ରାଟିକ ଫ୍ରଂଟ ମଧ୍ୟରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱିତା । ବିଜେପି ନେତୃତ୍ୱାଧୀନ ନାସନାଲ ଡେମୋକ୍ରାଟିକ ଆଲାଏନ୍ସ ମଧ୍ୟ ପ୍ରାୟ ୧୦୦ଟି ଆସନ ଜିତିବା ଲକ୍ଷ୍ୟରେ ପ୍ରତିଦ୍ୱନ୍ଦ୍ୱିତା କରୁଛି ଏବଂ ଏହାର ସହଯୋଗୀ ଦଳ, ଭାରତ ଧର୍ମ ଜନ ସେନା (ବିଡିଜେଏସ) ଏବଂ ଟ୍ୱେଂଟି ୨୦ ଫେଂଟ, ବାକି ୪୦ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।





# ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଆନ୍ଦୋଳନ ଚାଲୁ ରହିବ

## ସରକାରୀ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ସମିତିର ୩ୟ ଜିଲ୍ଲା ସମ୍ମିଳନୀରେ ଆହ୍ୱାନ



ବାଲେଶ୍ୱର,(ନି.ପ୍ର.) ଉତର ଓଡ଼ିଶାର କେନ୍ଦ୍ରସ୍ଥଳ ବାଲେଶ୍ୱରରେ କୃଷି ବୈଷୟିକ ଉଚ୍ଚ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ସରକାର ଘୋଷଣା ନକରିବା ପର୍ଯ୍ୟନ୍ତ ଜିଲ୍ଲାବାସୀ ଐକ୍ୟବଦ୍ଧ ଆନ୍ଦୋଳନ ଚଳାଇ ରଖିବାକୁ ରବିବାରଦିନ ବାଲେଶ୍ୱର ଷ୍ଟେସନ ସଭାଗୃହରେ ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତିର ୩ୟ ବାର୍ଷିକ ଜିଲ୍ଲା ସମ୍ମିଳନୀରେ ଆହ୍ୱାନ ଦିଆଯାଇଛି । ଡ. କେଶବ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀର ସାଧାରଣ ସଭାରେ ସାଧାରଣ ସଂପାଦକ ଅଭୟ ମିଶ୍ର ବିବରଣୀ ଓ କୋଷାଧ୍ୟକ୍ଷ ଭାସ୍କର ଚନ୍ଦ୍ର ପାତ୍ରୀ ଆୟବ୍ୟୟର ବିବରଣୀ ଉପସ୍ଥାପିତ କରିଥିଲେ । ଅତିଥି ଓ ବକ୍ତାଭାବେ ଯୋଗଦେଇ ବାଲେଶ୍ୱର ଜିଲ୍ଲା ପରିଷଦର ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ପୂର୍ବତନ ବିଧାୟକ ଚି□ରଂଜନ ଷଡ଼ଙ୍ଗୀ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗିରୀଶ ଚନ୍ଦ୍ର ଦାଶଙ୍କ ସମେତ ସମିତିର ବିଭିନ୍ନ ଆ□ଳିକ କମିଟି ଓ ବିଭିନ୍ନ ଗଣ ସଂଗଠନ ପକ୍ଷରୁ ଦିଲ୍ଲୀପ ଗିରି, ଗୋବିନ୍ଦ ଚନ୍ଦ୍ର ଭୋଇ, ମହେଶ୍ୱର ପଣ୍ଡା, ଦାମୋଦର ନାୟକ, କବି ଡ. କାଳିପଦ ପଣ୍ଡା, ଡ. କ୍ଷିତୀଶ୍ୱର ଦାଶ, କୁମୁଦ ରଂଜନ ଗିରି, ଚକ୍ରଧର ଦାସ, ଷ୍ଟାଲିନ୍ ମିଶ୍ର, ଭାରତୀ ପଣ୍ଡା, ବିଧାନ ରାୟ ଓ ହରେନ୍ ରଣା ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ବାଲେଶ୍ୱର ଜିଲ୍ଲାବାସୀଙ୍କ ଦାବିପ୍ରତି ସରକାର ଅବହେଳା ପ୍ରଦର୍ଶନ କରୁଥିବାର ଦର୍ଶାଇଥିଲେ । ବାଲେଶ୍ୱରରେ ବିଶ୍ୱ ବିଦ୍ୟାଳୟ ହେଉ କିମ୍ବା ମେଡିକାଲ୍ କଲେଜ୍ ପ୍ରତିଷ୍ଠା ଦାବି ହାସଲ ପାଇଁ ଦୀର୍ଘଦିନ ଧରି ବାଲେଶ୍ୱରବାସୀଙ୍କୁ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ କରିବାକୁ ପଡ଼ିଥିଲା । ଧାନ, ପାନ,ମୀନ ଓ ଜ୍ଞାନର ଭଣ୍ଡାର ଭାବେ ବାଲେଶ୍ୱର ସୁପରିଚିତ । କିନ୍ତୁ କେନ୍ଦ୍ର ଓ ରାଜ୍ୟ ସରକାର ବାଲେଶ୍ୱରବାସୀଙ୍କ ଦାବିପ୍ରତି ଗୁରୁତ୍ୱ ଦେଉନାହାନ୍ତି ବୋଲି ବକ୍ତାମାନେ ଅଭିଯୋଗ କରିଥିଲେ । ବାଲେଶ୍ୱରର ସାଂସଦ ଓ ବିଧାୟକ ଗଣ ଏହି ଦାବିକୁ ସମର୍ଥନ ଜଣାଉଛନ୍ତି । କିନ୍ତୁ ରାଜ୍ୟର ଅନ୍ୟ ଜିଲ୍ଲାରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସରକାରୀ ଘୋଷଣା ବାଲେଶ୍ୱରବାସୀଙ୍କୁ ବିସ୍ମିତ କରିଛି ବୋଲି ସମିତିର କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା ପ୍ରକାଶ କରିଥିଲେ । ତେଣୁ ଆଗାମୀ ସମସ୍ତ ଗଣତାନ୍ତ୍ରିକ ଆନ୍ଦୋଳନରେ ଅଧିକ ସଂଖ୍ୟାରେ ଯୁବଛାତ୍ରମାନଙ୍କୁ ସାମିଲ କରିବାକୁ ସେ ଆହ୍ୱାନ ଦେଇଥିଲେ । ଆସନ୍ତା ଦୁଇବର୍ଷ ପାଇଁ ନିର୍ବାଚିତ କର୍ମକ□ାଙ୍କ ନାମ ତାଲିକାକୁ ପ୍ରଫୁଲ୍ଲ କୁମାର ଦାସ ପାଠ କରିଥିଲେ । ଆଗାମୀ ବର୍ଷ ପାଇଁ ହରନାରାୟଣ ମଣ୍ଡୁଆଲ ଲଗାତର ଆନ୍ଦୋଳନ ନିମି□ ବିଭିନ୍ନ ପ୍ରସ୍ତାବ ଆଗତ କରିବା ପରେ ଏହା ଗୃହୀତ ହୋଇଥିଲା ।

ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ବିଗ୍ରହରେ ପୁଷ୍ପ ଓ ଧୂପଦୀପ ପ୍ରଦାନ କରିବା ପରେ ସମ୍ମିଳନୀର ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଉପସ୍ଥିତ ପ୍ରତିନିଧି ଓ ଅତିଥିମାନେ ସମ୍ମିଳିତ ଭାବେ ଜାତୀୟ ସଙ୍ଗୀତ ଗାନ କରିଥିଲେ । ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଅତିଥିମାନଙ୍କୁ ମ□ଆହ୍ୱାନ କରିଥିଲେ । ସରସ୍ୱତୀ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ସମଗ୍ର ଜିଲ୍ଲାରୁ ଶତାଧିକ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସର୍ବଶ୍ରୀ ଶ୍ୟାମସୁନ୍ଦର ଜେନା, କ୍ରିଷ୍ଣା ସାହା, ସଂଯୁକ୍ତା ବେହେରା ଓ ବିଜନ ଦେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଆନ୍ତର୍ଜାତୀୟ କଳା ଶିବିରରେ ଡଗରା ବେଳାଭୂମିର ମନୋରମ ଦୃଶ୍ୟକୁ କାନଭାସରେ ଆଙ୍କିଲେ ଜଳେଶ୍ୱର ଆର୍ଟ ଫାଉଣ୍ଡେସନର ଦୁଇ ଚିତ୍ରଶିଳ୍ପୀ

ଜଳେଶ୍ୱର (ନି.ପ୍ର.)ଚଳିତ ମାର୍ଚ୍ଚ ୫ ତାରିଖ ଠାରୁ ଭିଏତନାମ ହାନୋଇ ସହରରେ ୨ୟ ଥର ପାଇଁ ଆନ୍ତର୍ଜାତୀୟ ଚିତ୍ରକଳା ଶିବିର ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାରତ ସହ ବିଶ୍ୱର ୧୨ଟି ପ୍ରମୁଖ ରାଷ୍ଟ୍ରର ବିଶିଷ୍ଟ ଚିତ୍ରଶିଳ୍ପୀ ମାନେ ପ୍ରତିନିଧିତ୍ୱ କରିଥିବାବେଳେ ଓଡ଼ିଶାର ଅଗ୍ରଣୀ ଚିତ୍ରକଳା ଅନୁଷ୍ଠାନ 'ଜଳେଶ୍ୱର ଆର୍ଟ ଫାଉଣ୍ଡେସନ' ମାଧ୍ୟମରେ ଭାରତରୁ ୯ଜଣ ଚିତ୍ରଶିଳ୍ପୀ ଅଂଶଗ୍ରହଣ କରିଥିଲେ । ଆମ ବାଲେଶ୍ୱରରୁ ଯୋଗ ଦେଇଥିବା ୨ଜଣ ଯୁବ ଚିତ୍ରଶିଳ୍ପୀ ମୁକ୍ତିପଦ ନନ୍ଦୀ ଓ ସୌମ୍ୟରଂଜନ ପାତ୍ର ବାଲିଆପାଳ ଡଗରା ବେଳାଭୂମିର ଅନନ୍ୟ ମନୋରମ ସୌନ୍ଦର୍ଯ୍ୟକୁ କାନଭାସରେ ଚିତ୍ର ରୂପ ଦେଇ ବିଶ୍ୱର ବିଶିଷ୍ଟ ଚିତ୍ରଶିଳ୍ପୀ ମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ଆନ୍ତର୍ଜାତୀୟ ଚିତ୍ର କଳା ଶିବିରରେ ପ୍ରସନ୍ନ ସ୍ୱାଇଁ କେନ୍ଦ୍ରାପଡ଼ାରୁ, ପ୍ରେମଚାନ୍ଦ ରାଉତ, ଅନିଲ କେରକେଟା ସମ୍ବଲପୁରରୁ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ମାନସ କୁମାର ଦାସ କେନ୍ଦୁଝରରୁ, ନୃତ୍ୟ ଶିଳ୍ପୀ କୁମାର ଭିମସେନ ପୁରୀରୁ ଓ ଲାଲ ସିଂ, ଧନି ରାମ ହିମାଚଳ ପ୍ରଦେଶରୁ ଅଂଶ ଗ୍ରହଣ କରିଛନ୍ତି । ଏହି ଆନ୍ତର୍ଜାତୀୟ ଶିବିରରେ ଆର୍ଜେଂଟିନା, ବେଲଜିୟମ, ଚାଇନା, ଇଣ୍ଡୋନେସିଆ, ମାଲେସିଆ, ମଙ୍ଗୋଲିଆ, ଆରଶାଖା , ସ୍ପେନ, ଶ୍ରୀଲଙ୍କା, ନେପାଳ ଓ ଭିଏତନାମର ବିଶିଷ୍ଟ ଚିତ୍ରଶିଳ୍ପୀ ମାନେ ଅଂଶଗ୍ରହଣ କରି ନିଜର ସୁନ୍ଦର ଚିତ୍ରକଳା ପ୍ରଦର୍ଶନ କରିଛନ୍ତି । ଏହାସହ ସେରାମିକ କଳାରେ ଆମ ଓଡ଼ିଶାର ସଂସ୍କୃତି, ଜଗନ୍ନାଥଙ୍କ ପ୍ରତିଛବି ସହ କୋଣାର୍କ, ଚିଲିକା, ଭିତରକନିକା, ହୀରାକୁଦ ଆଦି ବିଭିନ୍ନ ପ୍ରକାରର ଓଡ଼ିଶାର ସୌନ୍ଦର୍ଯ୍ୟକୁ ଚିତ୍ର ମାଧ୍ୟମରେ ଆଙ୍କିଛନ୍ତି । ଏହି ଶିବିର ମାର୍ଚ୍ଚ ୫ତାରିଖ ଠାରୁ ଆରମ୍ଭ ହୋଇ ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଏହା 'ଜଳେଶ୍ୱର ଆର୍ଟ ଫାଉଣ୍ଡେସନ' ତଥା ଭାରତ ପାଇଁ ଗର୍ବ ଓ ଗୌରବ । ଏହି ଆର୍ଟ ହେଣ୍ଡ-୨ ଶୀର୍ଷକ ଚିତ୍ରଶିଳ୍ପୀ କର୍ମଶାଳାରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ଯୁବ ଚିତ୍ରଶିଳ୍ପୀମାନେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ୩୦ ରୁ ଉର୍ଦ୍ଧ୍ୱ ଚିତ୍ରକଳା ଶିବିର ଓ ପ୍ରଦର୍ଶନୀରେ ଯୋଗଦାନ ପୂର୍ବକ ନିଜର ଶ୍ରେଷ୍ଠତା ପ୍ରତିପାଦନ କରିଛନ୍ତି ଏବଂ ସମ୍ବର୍ଦ୍ଧିତ ମଧ୍ୟ ହୋଇଛନ୍ତି । ଓଡ଼ିଶାର କଳା ସଂସ୍କୃତି ତଥା ଭାରତର ସର୍ବ ପୁରାତନ କାଙ୍ଗରା ଆର୍ଟ କାନଭାସ ମାଧ୍ୟମରେ ପ୍ରଦର୍ଶିତ ହୋଇଛି । ଭାରତର ଐତିହ୍ୟ ସହିତ ଦେଶ ମାନଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିବା ସହ ଇକୋ ଟୁରିଜମକୁ ଆଗକୁ ନେବା ମୂଳ ଲକ୍ଷ୍ୟ ବୋଲି ଆଶା ଓ ବିଶ୍ୱାସ ।

# ଉନ୍ମୋଚିତ ହେଲା ଯୁବ ଲେଖକ ପ୍ରବୀଣ କୁମାର କବିଙ୍କ ପ୍ରଥମ ଇଂରାଜୀ ଉପନ୍ୟାସ 'ଉଇ ବିକେମ୍ ଏ ପୋଏମ୍'




ବାଲେଶ୍ୱର(ନି.ପ୍ର.) ଯୁବ ଲେଖକ ପ୍ରବୀଣ କୁମାର କବିଙ୍କ ପ୍ରଥମ ଇଂରାଜୀ ଉପନ୍ୟାସ 'ଉଇ ବିକେମ୍ ଏ ପୋଏମ୍' ଘସିପୁରା ସ୍ଥିତ ପ୍ରାଣବଲ୍ଲଭ ପବ୍ଲିକ୍ ସ୍କୁଲ୍ ପରିସରରେ ଏକ ସାହିତ୍ୟିକ ଓ ସୃଜନଶୀଳ ପରିବେଶରେ ଉନ୍ମୋଚିତ ମୋଚନ ହୋଇଯାଇଛି ।ଏହି ଅବସରରେ ଅତିଥିମାନେ ଉପନ୍ୟାସର ସାହିତ୍ୟିକ ମୂଲ୍ୟ ଓ ରଚନାଶୈଳୀ ବିଷୟରେ ଆଲୋଚନା କରିଥିଲେ । ଏଥିରେ ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ଡକ୍ଟର ପ୍ରଦୀପ କୁମାର ମହାନ୍ତି, ଅଧ୍ୟାପକ ଓ କବି ନିରଞ୍ଜନ ପତି, ପ୍ରସିଦ୍ଧ କବି ଡକ୍ଟର ଅଶୋକ ପୁହାଣ ଓ 'ଶୁଭପଲ୍ଲବ' ପ୍ରକାଶନର ନିର୍ଦ୍ଦେଶକ ଏବଂ ଉପନ୍ୟାସର ପ୍ରକାଶକ ସଂଗ୍ରାମ କେଶରୀ ସେନାପତି ଉପସ୍ଥିତ ରହି ଗ୍ରନ୍ଥଟିର ବିଷୟବସ୍ତୁ, କାହାଣୀର ଗଠନ ଓ ସାହିତ୍ୟିକ ମୂଲ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ ।ଅତିଥିମାନେ ତାଙ୍କ ମତାମତରେ କହିଥିଲେ ଯେ ଉପନ୍ୟାସଟି ମାନବୀୟ ଭାବନା, ନିରବ ପ୍ରେମ ଓ ସମ୍ପର୍କର ସୂକ୍ଷ୍ମ ଜଟିଳତାକୁ ଏକ କାବ୍ୟମୟ ଓ ଅଭିବ୍ୟକ୍ତିମୟ ଶୈଳୀରେ ସୁନ୍ଦର ଭାବରେ ଲେଖକ ଉପସ୍ଥାପନ କରିଛନ୍ତି ।ପ୍ରସିଦ୍ଧ ଓଡ଼ିଆ ପ୍ରଚ୍ଛଦପଟ୍ଟ ଗାୟକ ସତ୍ୟଜିତ୍ ଜେନା ଓ ଶୁଭଶ୍ରୀ ଜେନା ବିଶେଷ ଅତିଥି ଭାବେ ଯୋଗଦେଇ ଅନ୍ୟାନ୍ୟ ଅତିଥିମାନଙ୍କ ସହ ଉପନ୍ୟାସଟିକୁ ଔପଚାରିକ ଭାବେ ଉନ୍ମୋଚନ କରିଥିଲେ ।

ଏହି ଅବସରରେ ପୁସ୍ତକର ଲେଖକ ପ୍ରବୀଣ କୁମାର କବି ନିଜସ୍ୱ ଅଭିବ୍ୟକ୍ତିରେ କହିଥିଲେ ଯେ ଏହି ଉପନ୍ୟାସ ତାଙ୍କ ଦୀର୍ଘଦିନର ଭାବନା, ଅନୁଭବ ଓ ନିରବ ସଂଘର୍ଷର ଫଳଶ୍ରୁତି । ପ୍ରେମ, ଦୂରତ୍ୱ ଓ ମାନବ ସମ୍ପର୍କର ସୂକ୍ଷ୍ମ ଅନୁଭୂତିକୁ ଉପସ୍ଥାପନ କରି ପାଠକମାନଙ୍କ ହୃଦୟକୁ ସ୍ପର୍ଶ କରିବା ହେଉଛି ଏହି କାହାଣୀ ଲେଖିବାର ପ୍ରୟାସ ବୋଲି ସେ କହିଥିଲେ ।ଅଧ୍ୟାପିକା ପ୍ରିୟଙ୍କା କାର୍ଯ୍ୟକ୍ରମଟିକୁ ସଂଚାଳନା କରିଥିବା ବେଳେ ବରିଷ୍ଠ ଅଧ୍ୟାପିକା ସବିତା ରାଣୀ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଲେଖକ ଉପସ୍ଥିତ ସମସ୍ତ ଶିକ୍ଷକ, ସାହିତ୍ୟିକ ଓ ଛାତ୍ରଛାତ୍ରୀମାନଙ୍କୁ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମଟିକୁ ସଫଳ କରିଥିବାରେ କୃତଜ୍ଞତା ପ୍ରକାଶ କରିଥିଲେ ଆୟୋଜକ ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ "ସୁସ୍ଥାୟୀ ଭବିଷ୍ୟତ ପାଇଁ ଜୀବ ପ୍ରଯୁକ୍ତିବିଦ୍ୟାର ଅଗ୍ରଗତି ଓ ନବୀନତା" ବିଷୟରେ ଜାତୀୟ ସମ୍ମିଳନୀ




ବାଲେଶ୍ୱର(ନି.ପ୍ର)ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତର ଜୀବବିଜ୍ଞାନ ଓ ଜୀବ ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ "ସୁସ୍ଥାୟୀ ଭବିଷ୍ୟତ ପାଇଁ ଜୀବ ପ୍ରଯୁକ୍ତିବିଦ୍ୟାର ଅଗ୍ରଗତି ଓ ନବୀନତା" ଶୀର୍ଷକ ଦୁଇଦିନିଆ ଜାତୀୟ ସମ୍ମିଳନୀ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମୁଖ୍ୟ ପୃଷ୍ଠପୋଷକତା ଓ ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରାଙ୍କ ସହ-ପୃଷ୍ଠପୋଷକତାରେ ଆୟୋଜିତ ହୋଇଥିଲା । ମୁଖ୍ୟ ବକ୍ତବ୍ୟ ପ୍ରଦାନ କରି ଆଇ.ସି.ଏ.ଆର-'କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ, କଟକର ଡ଼କ୍ଟର ସଂଘମିତ୍ରା ସାମନ୍ତରାୟ ,ସୁସ୍ଥାୟୀ କୃଷି ଓ ପରିବେଶୀୟ ସ୍ଥିରତା ସୁନିଶ୍ଚିତ କରିବାରେ ଜୀବ ପ୍ରଯୁକ୍ତିବିଦ୍ୟାର ଭୂମିକା ଉପରେ ଆଲୋକପାତ କରିଥିଲେ । ବିଭାଗର ସହଯୋଗୀ ପ୍ରଫେସର ଓ ବିଭାଗାଧ୍ୟକ୍ଷ ଡ଼କ୍ଟର ଭରତ ଭୂଷଣ ପଟ୍ଟନାୟକ ସମ୍ମିଳନୀର ସମ୍ମିଳନାଧ୍ୟକ୍ଷ ଭାବେ ଦାୟିତ୍ୱ ନିର୍ବାହ କରିଥିବାବେଳେ ସହାୟକ ପ୍ରଫେସର ଡ଼କ୍ଟର ପୁନମ କୁମାରୀ ଆୟୋଜକ ସଚିବ ଭାବେ କାର୍ଯ୍ୟକ୍ରମର ସଂଚାଳନା କରିଥିଲେ । ଡ଼କ୍ଟର ଏଲସା ପଣ୍ଡିତ ସହ-ସମ୍ମିଳନାଧ୍ୟକ୍ଷ ଓ ଡ଼କ୍ଟର ସୁଭାଶ୍ରୀ ମହାଲିକ ସଂଯୁକ୍ତ ଆୟୋଜକ ସଚିବ ଭାବେ ସହଯୋଗ କରିଥିଲେ । ଏହି ସମ୍ମିଳନୀ ମାଧ୍ୟମରେ ବୈଜ୍ଞାନିକ, ଗବେଷକ ଓ ଶିକ୍ଷାବିତ୍ ମାନେ ବିଭିନ୍ନ ପ୍ରକାରର ପ୍ରଦୂଷଣ, ପ୍ରାକୃତିକ ସମ୍ପଦ ହ୍ରାସ, ଜଳବାୟୁ ପରିବର୍ତ୍ତନ, ଅବଶିଷ୍ଟ ପଦାର୍ଥ ପରିଚାଳନା, ପରିସ୍ଥିତିତନ୍ତ୍ର ପୁନରୁଦ୍ଧାର ଓ ସର୍କୁଲାର ବାୟୋଇକୋନୋମି ପରି ବିଶ୍ୱବ୍ୟାପୀ ସମସ୍ୟାବଳୀ ପାଇଁ ନବୀନ ଜୀବ ପ୍ରଯୁକ୍ତିଭିତିକ ସମାଧାନ ଉପରେ ଚର୍ଚ୍ଚା କରିଥିଲେ । ସମ୍ମିଳନୀରେ ମେରାଇନ ବାୟୋଟେକ୍ନୋଲୋଜି ବିଷୟରେ ଏକ ବିଶେଷ ପ୍ରାୟୋଗିକ ଅଧିବେଶନ ଆୟୋଜିତ ହୋଇଥିଲା । ଏଥିରେ ଜିନୋମିକ୍ସ, ବାୟୋଏକ୍ଟିଭ୍ ଯୋଗ, ଆକ୍ୱାକଲ୍ଚର ଉନ୍ନତି ଓ ବାୟୋରିମେଡିଏସନ୍ ?ର ନବୀନ ଅଗ୍ରଗତି ସହିତ ଓଡିଶା ମେରିନ୍ ବାୟୋଟେକ୍ନୋଲୋଜି ରିସର୍ଚ୍ଚ ଏଣ୍ଡ ଇନୋଭେସନ୍ କରିଡୋର (ଓମବ୍ରିକ) ଦ୍ୱାରା ବ୍ଲୁ ଇକୋନୋମିକୁ ସଶକ୍ତ କରିବାର ସମ୍ଭାବନା ଉପରେ ଆଲୋଚନା କରାଯାଇଥିଲା । ଏହାଛଡ଼ା ପରିବେଶ ଜୀବ ପ୍ରଯୁକ୍ତିବିଦ୍ୟା, ଔଷଧ ଜୀବ ପ୍ରଯୁକ୍ତିବିଦ୍ୟା, ବାୟୋଏନର୍ଜି ଓ କାର୍ବନ୍-ନିରପେକ୍ଷ ପ୍ରଯୁକ୍ତି, କୃଷି ଜୀବ ପ୍ରଯୁକ୍ତିବିଦ୍ୟା, ସିନ୍ଥେଟିକ୍ ବାୟୋଲଜି ଓ ସସ୍ଥାୟୀ ଉନ୍ନୟନ ଲକ୍ଷ୍ୟସମୂହ ସମ୍ବନ୍ଧୀୟ ବିଭିନ୍ନ ବିଷୟକ୍ଷେତ୍ର ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଏହା ସମ୍ମିଳନୀ ତଥା ବିବିଧ ବିଷୟଗୁଡ଼ିକର ଆଲୋଚନା ମାଧ୍ୟମରେ ଗବେଷଣାତ୍ମକ ନିଷ୍କର୍ଷ ସହ ଛାତ୍ରଛାତ୍ରୀଙ୍କ ପାଇଁ ଭବିଷ୍ୟତରେ ପରିବେଶମୂଳକ ଓ ବ୍ୟାପକ ଭାବେ ପ୍ରୟୋଗଯୋଗ୍ୟ ଜୀବ ପ୍ରଯୁକ୍ତିମୂଳକ ସମାଧାନ ପାଇଁ ସହଯୋଗୀତାକୁ ଉତ୍ସାହିତ କରାଯାଇପାରିଛି ।

# ଜିଲ୍ଲା ସୈନିକ ବୋର୍ଡକୁ ସଠିକ ସମୟରେ ରାଜ୍ୟ ସରକାର ଦେଉ ନାହାନ୍ତି ୩୦ପ୍ରତିଶତ ଅଂଶ

ବାଲେଶ୍ୱର,(ନି.ପ୍ର.)ଯେଉଁମାନେ ଦେଶ ପାଇଁ ସୀମାରେ ଛାତି ଦେଖାଇ ଲଢ଼ନ୍ତି ଆଉ ସମାଜ ପାଇଁ ସମ୍ମାନ ସହ ଆଦର୍ଶ ମଧ୍ୟ ହୁଅନ୍ତି । ହେଲେ ସେମାନେ ଅବସର ପରେ ସେଇ ବୀର ସୈନିକମାନଙ୍କୁ ଅପମାନିତ ହେବାକୁ ପଡୁଛି । ଏପରିକି ଜିଲ୍ଲା ପ୍ରଶାସନର ଚରମ ଅବହେଳା ଓ ସରକାରୀ ସ୍ଥାଣୁତା ପାଇଁ ଆଜି ଜିଲ୍ଲା ସୈନିକ ବୋର୍ଡ କାର୍ଯ୍ୟାଳୟ ଏକ ମରଣଯନ୍ତା ପାଲଟିଛି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱରରେ । ଏହି ସ୍ଥାନରେ ଛାତରୁ ସିମେଂଟ ଖସିବା କାନ୍ଥ ଫାଟି ଆଁ ହେଲାଣି । ଏନେଇ ଅବସରପ୍ରାପ୍ତ ସୈନିକମାନଙ୍କ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ବାସ୍ତବରେ ସୈନିକମାନଙ୍କ ପାଇଁ ଏକ ଅପମାନ ସଦୃଶ ହୋଇଛି । ସୂଚନା ଅନୁସାରେ,ବାଲେଶ୍ୱର ସହରର ଓଟି ରୋଡରେ ରହିଛି ଏକ ଘର । ଯାହାକି କୌଣସି ଗୋଦାମ ଘର ନୁହେଁ ବରଂ ତାହା ହେଉଛି ଜିଲ୍ଲା ସୈନିକ ବୋର୍ଡ କାର୍ଯ୍ୟାଳୟ । ଏହି କାର୍ଯ୍ୟାଳୟ ବାଲେଶ୍ୱର,ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲାର ପ୍ରାୟ ୯୪୧୮ଜଣ ଅବସରପ୍ରାପ୍ତ ସୈନିକମାନଙ୍କ ପାଇଁ ଏକମାତ୍ର ଭରସା । ବିଶେଷ କରି ବାଲେଶ୍ୱର ଜିଲ୍ଲାରେ ୪ହଜାର ୧୧୪ଜଣ ଅବସରପ୍ରାପ୍ତ ସୈନିକ ରହିଥିବା ବେଳେ ମୟୂରଭଞ୍ଜ ଜିଲ୍ଲାରୁ ୨ହଜାର ୯୭୦ଜଣ ଏବଂ ଭଦ୍ରକ ଜିଲ୍ଲାରୁ ୨ହଜାର୩୩୪ଜଣ ପୂର୍ବତନ ସୈନିକ ଏହି କାର୍ଯ୍ୟାଳୟ ଉପରେ ନିର୍ଭର କରନ୍ତି । ହେଲେ ଦୁର୍ଭାଗ୍ୟର ବିଷୟ ଏହି ଯେ,ସୀମାରେ ରହି ଦେଶ ପାଇଁ ଅହରହ ସୁରକ୍ଷା ଦେଉଥିବା ଏହି ସୈନିକ ଏବେ ଅବହେଳିତ । ଦେଶର ସେବକମାନେ ଏଠାରେ ନିଜର କାଗଜପତ୍ର କାମ କରିବା ପାଇଁ ଆସିବା ବେଳେ ମୃତ୍ୟୁକୁ ମଧ୍ୟ ସାମନା କରୁଛନ୍ତି । ହେଲେ ଏହି କାର୍ଯ୍ୟାଳୟଟି ରକ୍ଷଣା ବେକ୍ଷଣାର ଅଭାବ ହେତୁ ପରିତ୍ୟକ୍ତ ହୋଇଥିବା ବେଳେ ଏହା କେବେ ବି ଭୁଷୁଡି ପଡ଼ିବାର ସମ୍ଭାବନା ରହିଛି । ଅନ୍ୟପଟେ ଦେଖିବାକୁ ଗଲେ ସରକାରୀ ବ୍ୟବସ୍ଥା ଏଠି ସମ୍ପୂର୍ଣ୍ଣ ଭାବେ ପଙ୍ଗୁ ପାଲଟିଛି । ଜଣେ ସମ୍ପାଦକଙ୍କ ସମେତ ୫ଜଣ ସ୍ଥାୟୀ କର୍ମଚାରୀ ରହିବା କଥା କିନ୍ତୁ ଏଠାରେ ମାତ୍ର ଜଣେ ହିଁ ରହିଛନ୍ତି । ଦୁଇଜଣ ଚୁକ୍ତି ଭିତିକ କର୍ମଚାରୀଙ୍କୁ ନେଇ କାର୍ଯ୍ୟ ଚାଲିଛି । ଦୂରଦୂରାନ୍ତରୁ ଆସୁଥିବା ବୃଦ୍ଧ ସୈନିକମାନଙ୍କ ପାଇଁ ବସିବାର କୌଣସି ବ୍ୟବସ୍ଥା ନଥିବା ବେଳେ ପଇବା ପାଇଁ ପାଣିର ସୁବିଧା ମଧ୍ୟ ନାହିଁ । ଏପରିକି ସେଠାରେ ଶୌଚାଳୟ ଟିଏ ମଧ୍ୟ ନାହିଁ । ଏପରି ସ୍ଥିତିରେ ଜିଲ୍ଲାପ୍ରଶାସନର ଅସଲ ମୁଖାକୁ ଏହି କାର୍ଯ୍ୟାଳୟ ଖୋଲି ଦେଇଥିବା ଦେଖିବାକୁ ମିଳିଛି । ସବୁଠାରୁ ବଡ ବିଡମ୍ବନା ହେଉଛି କେନ୍ଦ୍ର ସରକାରଙ୍କ ପକ୍ଷରୁ ୭୦ପ୍ରତିଶତ ଅନୁଦାନ ଆସୁଥିବା ବେଳେ ରାଜ୍ୟ ସରକାର ନିଜ ଭାଗର ୩୦ପ୍ରତିଶତ ଅନୁଦାନ ଦେବାରେ ବିଳମ୍ବ କରୁଛନ୍ତି । ଫଳରେ ଏହାର ପୁନରୁଦ୍ଧାର କାର୍ଯ୍ୟ ହେବା ସମ୍ଭବପର ହୋଇପାରୁ ନାହିଁ । ଫଳରେ ପୂର୍ବତନ ସୈନିକମାନଙ୍କ ପକ୍ଷରୁ ସରକାରଙ୍କୁ ବାରମ୍ବାର ଚିଠି ଦ୍ୱାରା ଜଣାଯାଉଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ଏଣୁ ଏଭଳି ବିପଦଶଙ୍କୁଳ କାର୍ଯ୍ୟାଳୟରେ ଯଦି କୌଣସି ଅଘଟଣ ଘଟେ ସେଥିପାଇଁ କିଏ ଦାୟୀ ରହିବ ବୋଲି ମଧ୍ୟ ସେମାନେ ପ୍ରଶ୍ନ କରିଛନ୍ତି । ଏନେଇ ପୂର୍ବତନ ସୈନିକ ତଥା ସୈନିକ ସଂଘର ସଭାପତି ମହେଶ୍ୱର ବେହେରା କହିଛନ୍ତି ଯେ, ସୈନିକ ବୋର୍ଡ କାର୍ଯ୍ୟାଳୟର ଅବସ୍ଥା ସଙ୍କଟାପନ୍ନ ହୋଇଛି । ଯେକୌଣସି ମୁହୂର୍ତ୍ତରେ ଏହି ଘର ଭାଙ୍ଗିଯିବାର ସମ୍ଭାବନା ମଧ୍ୟ ରହିଛି । ଏପରିକି ପାଖାପାଖି ଏକ ମାସରୁ ଅଧିକ ସମୟ ଧରି ଆସୁଥିବା ଲୋକମାନଙ୍କର କାର୍ଯ୍ୟ ସଠିକ ଭାବେ ହୋଇପାରୁ ନାହିଁ । ଯାହାକି ଏଠାରେ କାର୍ଯ୍ୟକରୁଥିବା କର୍ମଚାରୀମାନେ କହୁଛନ୍ତି ଯେ କୌଣସି କାଗଜପତ୍ରରେ ସେମାନଙ୍କ ପାଖରେ ଦସ୍ତଖତ କରିବାର ଅଧିକାର ନାହିଁ । ଜଣେ ଉଚ୍ଚସ୍ତରୀୟ ଅଧିକାରୀଙ୍କ ଦ୍ୱାରା ହୋଇପାରିବ । ସୈନିକମାନଙ୍କର ସମସ୍ୟାକୁ ଯଦି ସମାଧାନ କରାଯାଇ ପାରୁ ନାହିଁ ତେବେ ଅନ୍ୟ ଦେଶମାନଙ୍କ ସହ କିପରି ଭାବେ ଲଢ଼ିବା ବୋଲି କହିଛନ୍ତି । ଏହାଛଡା ସୈନିକ ବୋର୍ଡର ଦରମା ପାଇଁ କେନ୍ଦ୍ର ସରକାର କିଛି ଦେଉଥିବା ବେଳେ ରାଜ୍ୟ ସରକାରଙ୍କ ଅଂଶ ସେମାନେ ଦେଉ ନାହାନ୍ତି । ଯାହା ଫଳରେ ଏଭଳି ଦୂରାବସ୍ଥା ହେଉଛି ବୋଲି ଅଭିଯୋଗ କରିଛନ୍ତି । ଅନ୍ୟପଟେ ସେମାନେ ଜିଲ୍ଲାପାଳଙ୍କ ଠାରେ ଲିଖିତ ଅଭିଯୋଗ ମଧ୍ୟ କରିଛନ୍ତି । ଏନେଇ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶ କହିଛନ୍ତି ଯେ,ତାଙ୍କ ପାଇଁ ଯେଉଁ ଅଧିକାରୀ ରହିଥିଲେ ତାଙ୍କର ଅଲଗା ସ୍ଥାନକୁ ଡେପୁଟେସନ ହୋଇଥିଲା ଯାହାଫଳରେ ସେଠାରେ କୌଣସି ଅଧିକାରୀ ନଥିଲେ । ଏବେ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି ସେଠାରେ ଯୋଗଦାନ କରିବା ପାଇଁ । ଏହାଛଡା ବୋର୍ଡ ଗୃହ ଖରାପ ସ୍ଥିତିରେ ଥିବା ବେଳେ ସେଥିପାଇଁ ଏକ ପ୍ରୋପଜାଲ କରି ପଠାଇବେ ବୋଲି କହିଛନ୍ତି ।

# ଜିଲ୍ଲାରେ ଧାନ କିଣା ପ୍ରକ୍ରିୟାରେ ଚରମ ଅବହେଳା

ବାଲେଶ୍ୱର,(ନି.ପ୍ର.) ଧାନ ଚାଷ ହେବା ପରେ ଏବେ ଚାଷୀମାନେ ମଣ୍ଡିକୁ ନେଇ ସେମାନଙ୍କ ଧାନ ସିଧାସଳଖ ସରକାରଙ୍କୁ ବିକ୍ରୀ କରିବେ । ଗତବର୍ଷ ଧାନରେ ବିଭ୍ରାଟ ଦେଖା ଦେବା ପରେ ଚଳିତ ବର୍ଷ ଗତ ବର୍ଷ ଠାରୁ ଅଧିକ ବିଭ୍ରାଟ ଦେଖିବାକୁ ମିଳିଛି । ପ୍ରଥମେ ମିଲର ଓ ସମବାୟ ସମିତିମଧ୍ୟରେ ହୋଇଥିବା ବିବାଦ ଯୋଗୁଁ ଧାନ କିଣିବା ପ୍ରକ୍ରିୟା ବିଳମ୍ବ ହୋଇଥିଲା । କିଛିମାତ୍ରାରେ ସମସ୍ୟାର ସମାଧାନ ପରେ ଧାନ କିଣା ହେଲା ସତ କିନ୍ତୁ ତାହା ବହୁ ଅବ୍ୟବସ୍ଥା ମଧ୍ୟରେ । ଏପରିକି ଗୋଟିଏ ଗୋଟିଏ ମଣ୍ଡିରେ ଧାନ କିଣା ସମୟ ହେବାକୁ ଟୋକନ ଲାପସ କରିଯାଇଥିବା ଦେଖିବାକୁ ମିଳିଛି । ଅନ୍ୟପଟେ ଚାଷୀମାନେ ପୂର୍ବରୁ ପଞ୍ଜିକରଣ କରିସାରିଥିବା ବେଳେ ଧାନ ମଧ୍ୟ ଅମଳ କରିସାରିଛନ୍ତି । ହେଲେ ମଣ୍ଡିରେ ଧାନ କିଣା ନହେବା ଫଳରେ ଚାଷୀମାନେ ଧାନ ବିକ୍ରୀ କରିବାରୁ ବଂଚିତ ହୋଇଛନ୍ତି । ଅନ୍ୟପଟେ ବିଭିନ୍ନ ସମୟରେ ମଣ୍ଡିମାନଙ୍କରେ ଧାନ କିଣା ହୋଇନପାରିବା ଯୋଗୁଁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ବାଧ୍ୟ ହୋଇ ଚାଷୀମାନେ ରାସ୍ତାକୁ ଓହ୍ଲାଇବା ସହ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି । ହେଲେ ଏବେ ଜିଲ୍ଲାରେ ଧାନ କିଣା ପଛୁଆ ରହିଥିବା ବେଳେ ପଞ୍ଜିକୃତ ହୋଇଥିବା ଚାଷୀମାନଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା୪୨ହଜାରରୁ ଅଧିକ ଚାଷୀ ସେମାନଙ୍କ ଧାନ ମଣ୍ଡିରେ ଦେଇପାରି ନାହାନ୍ତି । ଜିଲ୍ଲା ଯୋଗାଣ ବିଭାଗ ଏବଂ ସମବାୟ ସମିତି ସମୂହରୁ ମିଳିଥିବା ତଥ୍ୟ ଅନୁସାରେ ବାଲେଶ୍ୱର ଜିଲ୍ଲାରେ ଚଳିତ ବର୍ଷ ଜିଲ୍ଲାରୁ ବିଭିନ୍ନ ମଣ୍ଡିରୁ ଧାନ କିଣିବା ପାଇଁ୧୬ଲକ୍ଷ ୮୩ହଜାର କୁଇନଟାଲ ଧାନର ଟାର୍ଗେଟ ରହିଛି । ଏହି ଧାନ ସବୁ ଜିଲ୍ଲାରେ ଥିବା୧୭୬ଟି ମଣ୍ଡିରୁ କିଣାଯିବ । ଚଳିତ ବର୍ଷ ମଣ୍ଡିରେ ଧାନ ଦେବା ପାଇଁ୧ଲକ୍ଷ୨୫ହଜାର ୭୫୬ଜଣ ଚାଷୀ ପଞ୍ଜିକରଣ କରିଛନ୍ତି । ସେଥିମଧ୍ୟରେ ମାର୍ଚ୍ଚମାସ ଦ୍ୱିତୀୟ ସପ୍ତାହ ସୁଦ୍ଧା ଜିଲ୍ଲାରେ ୮୩ହଜାର ୨୮୯ଜଣ ଚାଷୀ ସେମାନଙ୍କ ଧାନ ମଣ୍ଡିରେ ଦେଇଛନ୍ତି । ବାକି ୪୨ହଜାର ୪୬୭ଜଣ ଚାଷୀ ବର୍ତ୍ତମାନ ସୁଦ୍ଧା ମଣ୍ଡିରେ ସେମାନଙ୍କ ଧାନ ଦେଇପାରି ନାହାନ୍ତି । ଯାହାକୁ ନେଇ ଚାଷୀଙ୍କ ମହଲରେ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ଡବଲ ଇଞ୍ଜିନ ସରକାରଙ୍କ ଚରମ ଅବହେଳାକୁ ପ୍ରଦର୍ଶନ କରୁଛି । ଅନ୍ୟପଟେ ଦେଖିବାକୁ ଗଲେ ଜିଲ୍ଲାରେ ଚଳିତ ବର୍ଷ ୨୫ଟି ମିଲର ଧାନ କିଣିବା କଥା । ହେଲେ ପ୍ରଥମ ପର୍ଯ୍ୟାୟରେ ସେଥିମଧ୍ୟରୁ ମାତ୍ର ୮ଟି ମିଲରଙ୍କ ସମବାୟ ସମିତିଙ୍କ ସହ ବୁଝାମଣା ସ୍ୱାକ୍ଷର ହୋଇଥିଲା । ପର ମୁହୂର୍ତ୍ତରେ ପାଖାପଖି ସମସ୍ତ ମିଲରମାନଙ୍କ ସହ ଚୁକ୍ତି ସ୍ୱାକ୍ଷର ହୋଇଥିବା ଜଣାଯାଇଛି । ଜିଲ୍ଲାରେ ଏବେ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି ଧାନ କିଣା । ସମସ୍ତ ମିଲରମାନଙ୍କ ସହ ଚୁକ୍ତି ହେବା ପରେ ମଧ୍ୟ ମଣ୍ଡିମାନଙ୍କରେ ଧାନ କିଣାକୁ ନେଇ ଅସନ୍ତୋଷ ବୃଦ୍ଧି ପାଉଛି । ଏପରିକି ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଅନ୍ୟପଟେ ଡବଲ ଇଞ୍ଜନ ସରକାର ଚାଷୀମାନଙ୍କୁ ଡବଲ ଧୋକା ଦେଉଥିବା ବେଳେ କୁଇନଟାଲ ପିଛା ୮ରୁ୧୨କେଜି ଧାନ କାଟୁଛି । ଏହାଛଡା ଚଳିତ ବର୍ଷ ମିଲର ଏବଂ ସମବାୟ ସମିତି ମଧ୍ୟରେ ବିବାଦ ସୃଷ୍ଟି ହେବା କାରଣରୁ ବିଳମ୍ବରେ ଧାନ କିଣା ଆରମ୍ଭ ହୋଇଥିବା ବେଳେ ବିଭିନ୍ନ ମଣ୍ଡିରେ ବର୍ତ୍ତମାନ ପର୍ଯ୍ୟନ୍ତ ଧାନ କିଣା ସରିନଥିବା ବେଳେ ଅଧିକାଂଶ ଚାଷୀଙ୍କୀ ଟୋକନ ଲାପ୍ସ ହୋଇଯାଇଥିବା ବେଳେ ଆଉ କିଛି ଚାଷୀଙ୍କର ଟୋକନ ମଧ୍ୟ ଲାପ୍ସ ହେବାକୁ ବସିଲାଣି । ଏତଦବ୍ୟତିତ ବିଭିନ୍ନ ସମବାୟ ସମିତିରେ ଟୋକନ ପାଇଥିବା ଚାଷୀମାନଙ୍କର ଧାନ ବିଳମ୍ବରେ ନିଆଯାଉଛି । ବେଆଇନ ଭାବେ ମିଲରମାନେ ଚଷୀଙ୍କ ଧାନକୁ କୁଇନଟାଲ ପିଛା ୮ରୁ୧୨କେଜି କାଟୁଥିବା ବେଳେ ଚାଷୀମାନଙ୍କୁ ଅଖା ପଇସା ଓ ପରିବହନ ଖର୍ଚ୍ଚ ମଧ୍ୟ ପ୍ରଦାନ କରାଯାଉ ନାହିଁ । ଅନ୍ୟପଟେ ସରକାର ବଦଳିବା ପରେ ଚାଷୀମାନଙ୍କ ପ୍ରତି ଶୋଷଣ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଆରଏମସଏ ବିଭାଗକୁ ମିଲରମାନେ କବଜା କରି ରଖିବା ବାଲେଶ୍ୱରରେ ଏଫଏକ୍ୟୁମାନର ଧାନ ନାହିଁ ବୋଲି ପ୍ରଚାର ମଧ୍ୟ କରୁଛନ୍ତି । ଏହି ସବୁକୁ ଦୃଷ୍ଟିରେ ରଖି ବହୁ କଷ୍ଟ ପରିଶ୍ରମ କରି ଧାନ ଚାଷ କରିଥିବା ଚାଷୀମାନଙ୍କର ଅବସ୍ଥା ଦିନକୁ ଦିନ ଖରାପ ହେବାରେ ଲାଗିଛି ।

# ବହଳଦା ଗ୍ରାମରେ ପ୍ରକୃତିର ପର୍ବ 'ଦିଶୁମ୍ ବାଆ ବୁରୁ ବଂଗା' ପର୍ବ ମହା ସମାରୋହରେ ଅନୁଷ୍ଠିତ



ଖୁଂଟା(ନିପ୍ର): ଖୁଂଟା ବ୍ଲକ ଅନ୍ତର୍ଗତ ବଡପଥରା ଗ୍ରାମ ପଂଚାୟତ ଅଧୀନ ଟୁଙ୍କିବୁରୁ ବହଳଦା ଦିଶୁମ୍ ବାଆ ବୁରୁ ବଙ୍ଗା ଜାୟେର୍ ପୀଠ ରେ,ଆଦ୍ୟ ତା ୧୫.୦୩.୨୦୨୬ ରିଖ ଆଦିବାସୀ ଭୂମିଜ ମୁଣ୍ଡା ସଂପ୍ରଦାୟର ଆଦି ପ୍ରକୃତିର ପର୍ବ, ଦିଶୁମ୍ ବାଆ ବୁରୁ ବଙ୍ଗା ପର୍ବ ଖୁବ ସୁନ୍ଦର ଭାବରେ ଆନନ୍ଦ ଉଲ୍ଲାସର ସହିତ ଅନୁଷ୍ଠିତ ହୋଇଛି । କାହିଁ କେଉଁ ଆଦି କାଳରୁ ଆଦିବାସୀ ମୁଣ୍ଡାରୀ ସମ୍ପ୍ରଦାୟର ଐତିହ ପରମ୍ପରାକୁ ବହନ କରି ଆସୁଅଛି,ଏହି ବାଆ ବୁରୁ ବଙ୍ଗା ପର୍ବ । ପ୍ରକୃତି ପୂଜକ ମୁଣ୍ଡାରୀ ଆଦିବାସୀ ସଂପ୍ରଦାୟର ଲୋକମାନେ, ପୃଥିବୀ ଯେତେବେଳେ ନୂତନ ରୂପ ଧାରଣ କରିଥାଏ, ଠିକ ସେହି ସମୟରେ ପ୍ରକୃତିଦତ ନୂଆ ପତ୍ର ଫୁଲ ଫଳ ଆଦି ନିଜେ ବ୍ୟବହାର କରିବା ପୁର୍ବରୁ, ଜାୟେର୍ ସ୍ଥଳୀରେ ସମସ୍ତ ଦେବାଦେବୀଙ୍କୁ ଭୋଗ ରୂପେ ଅର୍ପଣ କରିଥାନ୍ତି । ସେହି ଦିନ ଠାରୁ ସମସ୍ତେ ପ୍ରକୃତିର ନୂତନ ପତ୍ର ଫୁଲ ଫଳ ବ୍ୟବହାର କରିଥାନ୍ତି । ବହଳଦା ଗ୍ରାମର ପାହାନ୍ (ପୂଜକ) ଶ୍ରୀଯୁକ୍ତ ଘାସିରାମ ସିଂ ଏକ ଶାଳ ବୃକ୍ଷରୁ ନୂତନ ଫୁଲ ଓ ପତ୍ର ରହିତ ଡାଳ କାଟି, ଆଦିବାସୀ ରୀତି ନୀତି ଅନୁସାରେ ପୂଜାର୍ଚ୍ଚନାକରି, ନାଚ ଗୀତ ପରିବେଷଣ ମାଧ୍ୟମରେ ଏକ ସଭାଯାତ୍ରାରେ ଜାୟେର୍ ସ୍ଥଳୀକୁ ଆଣି, ପୂଜାର୍ଚ୍ଚନା ସହ ରୋପଣ କରିଥିଲେ । ମୁଣ୍ଡାରୀ ସଂପ୍ରଦାୟର ପାହାନ୍ ଗୁରୁ ବସନ୍ତ କୁମାର ସିଂ (ବଡସାହି) ଉପସ୍ଥିତ ରହି ଆଦିବାସୀ ପରମ୍ପରା ଅନୁଯାୟୀ ଜାୟେର୍ ବୁରୁ ବଙ୍ଗାଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ । ଏହି ଉତ୍ସବ ପାଳନ ଅବସରରେ ବାଲିପାଳରୁ ପାହାନ୍ ଗୁରୁ ଧାନ ସିଂ, ଲମ୍ବାସାହିରୁ ଶ୍ରୀଯୁକ୍ତ ଦୂର୍ଯ୍ୟଧୋନ ସିଂ, ରଙ୍ଗାମାଟିଆରୁ ସୁନାରାମ ସିଂ, ଭିଲୁଡିହି ରୁ ଛାଟିଆ ସିଂ ପ୍ରମୁଖ ଉପସ୍ଥିତ ରହି ଉକ୍ତ ଦିଶୁମ୍ ବାଆ ବୁରୁ ବଙ୍ଗା ଉତ୍ସବରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଦୀପକ କୁମାର ସିଂ, ରାଙ୍ଗା ସିଂ, ଲେମ୍ବୁଧର ସିଂ, ସଞ୍ଜୟ ସିଂ, ଭଞ୍ଜ ସିଂ ଦୁରାଇ ସିଂ ଏବଂ ରାଙ୍ଗାଧର ସିଂ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଢ଼ୋଲ ମାଦଳ ତାଳେ ତାଳେ ମହିଳା ମାନଙ୍କ ନାଚ ଗୀତ ପରିବେଷଣ ଖୁବ ସୁନ୍ଦର ମନୋରମ ଏବଂ ଆନନ୍ଦମୟ ପରିବେଶ ସୃଷ୍ଟି ହୋଇଥିଲା ଦେବସ୍ଥଳି ।

# ସାହିତ୍ୟିକ ବିଚାର ଓ ବିମର୍ଶର ମୁକ୍ତ ମଂଚର ଅଷ୍ଟମ ବାର୍ଷିକ ଉତ୍ସବ

କଟକ(ନିପ୍ର): ମହାନଦୀ ବିହାର ସ୍ଥିତ ମହାନଦୀ ଭବନରେ ସାହିତ୍ୟିକ ଓ ବିଚାର ବିମର୍ଷର ମୁକ୍ତମଂଚର ଅଷ୍ଟମ ବାର୍ଷିକ ଉତ୍ସବ ସମ୍ବର୍ଦ୍ଧନା, ମୁଖପତ୍ର ଉନ୍ମୋଚନ ଓ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପ୍ରସିଦ୍ଧ ସାହିତ୍ୟ ସାଧକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ, ସୁଖ୍ୟାତ ଲେଖକ ଓ ସାହିତ୍ୟ ସମାଲୋଚକ ପ୍ରଫେସର ଡକ୍ଟର ବୈଷ୍ଣବ ଚରଣ ସାମଲ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଆଜିର ସାହିତ୍ୟ ସଂସ୍କୃତି ବିଷୟରେ ଆଲୋକପାତ କରିଥିଲେ । ସମ୍ବର୍ଦ୍ଧିତ ପ୍ରତିଭା ସୁଖ୍ୟାତ ଲେଖକ ଓ ସାହିତ୍ୟ ଲସମୀକ୍ଷକ ଡକ୍ଟର ପ୍ରକାଶ କୁମାର ପରିଡ଼ା, ଖ୍ୟାତନାମା କଥାଶିଳ୍ପୀ ଓ ସାହିତ୍ୟ ସମୀକ୍ଷକ ଖୋଲାଝର୍କା ସାହିତ୍ୟ ସମ୍ମାନ - ୨୦ ୨୬ ପାଇଥିଲେ । ପ୍ରଫେସର (ଡାକ୍ତର) ସୁଦର୍ଶନ ପଟ୍ଟନାୟକ ବିଶିଷ୍ଟ କବି ଓ ପ୍ରାବନ୍ଧିକ 'ଖୋଲାଝର୍କା ପରିବାର ସମ୍ମାନ - ୨୦୨୬' ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗେଇ ନେଇ ଯାଉଥିବା ବେଳେ ପୌରୋହିତ୍ୟ ଓ ସଭା ପରିଚାଳନା କରିଥିଲେ ଡକ୍ଟର ଗୋବିନ୍ଦ ଭୂଆଁ । ଦ୍ୱିତୀୟ ଅଧିବେଶନରେ କବିତା ପାଠୋତ୍ସବ ବିଭିନ୍ନ ଅଂଚଳରୁ ଆସିଥିବା କବିମାନେ କବିତା ପାଠ କରିଥିଲେ । ଦ୍ୱିତୀୟ ଅଧିବେଶନରେ ଉଦ୍‌ଘାଟକ ଭାବରେ କବି ଡକ୍ଟର ଶତ୍ରୁଘ୍ନ ପାଣ୍ଡବ ସମ୍ମାନିତ ଅତିଥି କବି ପିନାକୀ ସିଂହ ପୌରୋହିତ୍ୟ କରିଥିବାବେଳେ କବି ସସ୍ମିତା ମହାନ୍ତି ଏହି ସାରସ୍ୱତ ସମାରୋହରେ ଯୋଗଦାନ କରିଥିଲେ ଏବଂ ଇଂ. ଅଜୟ କୁମାର ରାଉତ ସଂପାଦକ 'ଖୋଲାଝର୍କା'ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ରାଷ୍ଟ୍ରୀୟ ସୂର୍ଯ୍ୟାଂଶୀ ଶାକଦ୍ୱୀପ ବ୍ରାହ୍ମଣ ସଂଗଠନର ଦ୍ୱିତୀୟ ବାର୍ଷିକ ସମ୍ମିଳନୀ

କଟକ(ନିପ୍ର): ଟାଉନ ହଲ ଠାରେ ରାଷ୍ଟ୍ରୀୟ ଶାକଦ୍ୱୀପ ବ୍ରାହ୍ମଣ ସଂଗଠନ, ବିଡାନାସୀ, କଟକର ଦ୍ୱିତୀୟ ବାର୍ଷିକ ସମ୍ମିଳନୀ -୨୦୨୬ ଅନୁଷ୍ଠିତ ହୋଇ ଯାଇଛି । ଏହି ବ୍ରାହ୍ମଣମାନେ ଗ୍ରହଶାନ୍ତି ପୂଜାପାଠ କରି ସମାଜର ମଙ୍ଗଳ ସାଧନ କରିଥାନ୍ତି । ଏହି କାର୍ଯ୍ୟକ୍ରମରେ ସାରା ଭାରତରୁ ଆସି ଅନେକ ବ୍ରାହ୍ମଣ ପରିବାର ସହ ଯୋଗଦାନ କରିଥିଲେ । ଏହି ଅବସରରେ ସଭାପତି ପଣ୍ଡିତ ବିଜୟ କୁମାର ନାୟକ, ମହା ସଚିବ ଡକ୍ଟର ରଞ୍ଜିତ ଆଚାର୍ଯ୍ୟ ଉପସଭାପତି ପଣ୍ଡିତ ଉମାକାନ୍ତ ମହାପାତ୍ର, କୋଷାଧ୍ୟକ୍ଷ ପଣ୍ଡିତ ସନ୍ତୋଷ କୁମାର ନାୟକ, ସହ ସମ୍ପାଦକ ପଣ୍ଡିତ ଶିବ ପ୍ରସାଦ ନାୟକ, ସଂଯୋଜକ ପଣ୍ଡିତ ଡକ୍ଟର କୃଷ୍ଣ ବଲ୍ଲଭ ନାୟକ, ପ୍ରବକ୍ତା ପଣ୍ଡିତ ଭବାନୀ ନାୟକ, ପଣ୍ଡିତ ଅମ୍ବିକା ପ୍ରସାଦ ଦାଶ, ପଣ୍ଡିତ ସୁଦାମ ଚରଣ ନାୟକଙ୍କ ସହ ବହୁ ଜ୍ୟୋତିର୍ବିଦ ଯୋଗଦାନ କରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳିତ




ନୟାଗଡ଼(ନିପ୍ର): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ଅବସରରେ ବୈଧ ମାପ ବିଜ୍ଞାନ ବିଭାଗ ତରଫରୁ ସ୍ୱେଚ୍ଛାସେବୀ ସଂଗଠନ 'ଜଷ୍ଟିସ ' ସହାୟତାରେ 'ନିରାପଦ ଉତ୍ପାଦ ଆଶ୍ୱସ୍ତ ଗ୍ରାହକ' ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ରରେ ଜିଲ୍ଲାପାଳ ମଧୁମିତା ରଥ ଅଧ୍ୟକ୍ଷତା କରି ଗ୍ରାହକଙ୍କ ଆଶ୍ୱସ୍ତି ନିମନ୍ତେ ଆଇନ୍ କିଭଳି ସଦା ଚଳ ଚଂଚଳ ସେ ସମ୍ପର୍କରେ ନିଜର ଦୃଢ଼ ମତ ରଖିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ଯୋଗ ଦେଇଥିବା ବେଳେ ମୂଖ୍ୟ ବକ୍ତା ଭାବେ ବରିଷ୍ଠ ଆଇନଜୀବୀ ନାରାୟଣ ମହାପାତ୍ର ଅଂଶ ଗ୍ରହଣ କରିଥିଲେ । ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ ଏହି ଆଲୋଚନା ଚକ୍ରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିରାପଦ ଉତ୍ପାଦ ଉପରେ ଖାଉଟିର ସୁରକ୍ଷା କିପରି ନିର୍ଭରଶୀଳ ସେ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଜିଲ୍ଲା ଯୋଗାଣ ଅଧିକାରୀ ସି. ଏଚ. ମୂରଲୀ କ୍ରିଷ୍ଣା ରାଓ, ବୈଧ ମାପ ବିଜ୍ଞାନ ଉପ ନିୟନ୍ତ୍ରକ ମୋନାଲିସା ରାୟ, ସହକାରୀ ଶ୍ରମ ଅଧିକାରୀ ଜ୍ଞାନ ରଞ୍ଜନ ସାହୁ, ପ୍ରାରମ୍ଭରୁ ବରିଷ୍ଠ ଆଇନଜୀବୀ ଚନ୍ଦ୍ର ବିଜୟୀ ମିଶ୍ର ଆଇନ ସଚେତନତା ସମ୍ପର୍କିତ ଏକ ପ୍ରଶ୍ନୋତର କାର୍ଯ୍ୟକ୍ରମ ସଂଚାଳନ କରିବାସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପରେ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ଓ ଖାଉଟି କିପରି ସୁରକ୍ଷିତ ଭାବେ ଶାନ୍ତିରେ ଜୀବନ ଅତିବାହିତ କରିପାରିବେ ସେ ସମ୍ପର୍କରେ ଅତିଥି ଓ ବକ୍ତାମାନେ ସ୍ୱ ସ୍ୱ ମତ ଉପସ୍ଥାପନ କରିଥିଲେ । ଖାଉଟି ସୁରକ୍ଷା ଆଇନର ବିବିଧ ପ୍ରାବଧାନମାନ କିପରି ଶୋଷଣ ମୁକ୍ତ ସମାଜ ଗଠନ ପାଇଁ ଉଦ୍ଦିଷ୍ଟ ସେ ସମ୍ପର୍କରେ ମଧ ଆଲୋଚକମାନେ ସମସ୍ତଙ୍କୁ ଅବଗତ କରାଇଥିଲେ । ଏହି ଆଲୋଚନା ଚକ୍ରରେ ୟୁନିଟେକ୍ ଆବାସିକ ମହାବିଦ୍ୟାଳୟ, ଡିଭାଇନ ଏଜୁକେସନ୍ ସେଂଟର ୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ, ବିଭିନ୍ନ ସ୍ୱେଚ୍ଛା । ସେବୀ ସଂଗଠନର କର୍ମକର୍ତ୍ତା, ଜିଲ୍ଲା ଖାଉଟି ବିବାଦ ପ୍ରତିକାର କମିଶନଙ୍କ କାର୍ଯ୍ୟାଳୟର କର୍ମଚାରୀ ମଧ ଉପସ୍ଥିତ ଥିଲେ । ଜଷ୍ଟିସ ସଂଗଠନର ସମ୍ପାଦକ ଶୁନ୍ୟଜୟୀ ମିଶ୍ର କାର୍ଯ୍ୟକ୍ରମକୁ ସଂଚାଳନ କରିଥିବାବେଳେ ସାମ୍ବାଦିକ ରାମକୃଷ୍ଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ପାରାଦୀପ ଗଲ୍ଫ କ୍ଲବ ପକ୍ଷରୁ ପ୍ରେସିଡେଂଟ କପ୍ ଗଲ୍ଫ ଟୁର୍ଣ୍ଣାମେଂଟ -୨୦୨୬ ଆୟୋଜିତ



ପାରାଦୀପ(ନିପ୍ର): ପାରାଦୀପ ଗଲ୍ଫ କ୍ଲବ ପକ୍ଷରୁ ସମ୍ମାନଜନକ ପ୍ରେସିଡେଂଟ କପ୍ ଗଲ୍ଫ ଟୁର୍ଣ୍ଣାମେଂଟ-୨୦୨୬ ରବିବାର ଦିନ ପାରାଦୀପ ପୋର୍ଟ ଗଲ୍ଫ ପଡିଆରେ ସଫଳତାର ସହ ଆୟୋଜିତ ହୋଇଯାଇଛି କ୍ଷ ଏହି ଟୁର୍ଣ୍ଣାମେଂଟରେ ଗଲ୍ଫ ପ୍ରେମୀଙ୍କ ଉତ୍ସାହୀ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା ଏବଂ ଏହାକୁ ଅତ୍ୟନ୍ତ ପ୍ରତିଯୋଗିତା ମୂଳକ ଓ ଆକର୍ଷଣୀୟ କରିଥିଲା । ଏହି ଅବସରରେ ପାରାଦୀପ ବନ୍ଦର ପ୍ରାଧିକରଣ ଉପାଧ୍ୟକ୍ଷ ଟି.ଭେଣୁ ଗୋପାଳ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି ଟୁର୍ଣ୍ଣାମେଂଟକୁ ଉଦଘାଟନ କରିଥିଲେ ଏବଂ ପରେ ବିଜେତାମାନଙ୍କୁ ପୁରସ୍କାର ବଂଟନ କରିଥିଲେ । ଏହି ପ୍ରତିଯୋଗିତାରେ ମୋଟ ୩୫ ଜଣ ଗଲ୍ଫ ଖେଳାଳି ବିଭିନ୍ନ ହ୍ୟାଣ୍ଡିକେପ୍ ବର୍ଗରେ ଅଂଶଗ୍ରହଣ କରିଥିଲେ ଏବଂ ପ୍ରତିଯୋଗିତାରେ ଉତ୍କୃଷ୍ଟ ଦକ୍ଷତା ଏବଂ କ୍ରୀଡା ମନୋଭାବ ପ୍ରଦର୍ଶନ କରିଥିଲେ । ହ୍ୟାଣ୍ଡିକ୍ୟାପ୍ ୦-୧୯ ବର୍ଗରେ, ହରିହର ଦାଶ ଟୁର୍ଣ୍ଣାମେଂଟର ଚମ୍ପିଅନ୍ ହୋଇଥିଲେ । ଅକ୍ଷୟ ଚନ୍ଦ୍ର ସୂତାର ସର୍ବୋତମ ଗ୍ରସ୍ ପୁରସ୍କାର ହାସଲ କରିଥିଲେ ଏବଂ ଦୀପକ କୁମାର ଷଡଙ୍ଗୀ ରନର୍ସ-ଅପ୍ ହୋଇଥିଲେ । ହ୍ୟାଣ୍ଡିକ୍ୟାପ୍ ୨୦-୨୩ ବର୍ଗରେ, ସୁବାଷ ଆଚାର୍ଯ୍ୟ ବିଜୟୀ ହୋଇଥିବା ବେଳେ ମାନସ ରଞ୍ଜନ ସ୍ୱାଇଁ ରନର୍ସ-ଅପ୍ ହୋଇଥିଲେ । ହ୍ୟାଣ୍ଡିକ୍ୟାପ୍ ୨୪ ବର୍ଗରେ, ପାରାଦୀପ ଗଲ୍ଫ କ୍ଲବର ସଭାପତି ଏସ.ସି.ନାହାକ ବିଜେତା ହୋଇଥିଲେ । ଖେଳରେ ଆଶାଜନକ ପ୍ରଦର୍ଶନ ଏବଂ ଉନ୍ନତି ପାଇଁ ଅଶୋକ କୁମାର ସାହୁଙ୍କୁ 'ଇମର୍ଜେଂଟ ଗଲ୍ଫର - ୨୦୨୬' ଉପାଧି ପ୍ରଦାନ କରାଯାଇଥିଲା । ସେହିପରି, ମହିଳା ପୁଟିଂ ପ୍ରତିଯୋଗିତାରେ, ମଧୁମିତା ସେଠି ବିଜେତା ହୋଇଥିବା ବେଳେ ଶ୍ରୀମତୀ ସୋନାଲି ଗୋପ ପ୍ରଥମ ରନର୍ସ-ଅପ୍ ଏବଂ ଶ୍ରୀମତୀ ସବିତା ଷଡଙ୍ଗୀ ଦ୍ୱିତୀୟ ରନର୍ସ-ଅପ୍ ହୋଇଥିଲେ । ଏହି ଟୁର୍ଣ୍ଣାମେଂଟ କ୍ଲବର ସଭାପତି ଏସ.ସି.ନାହାକ, କାର୍ଯ୍ୟକାରୀ ସଭାପତି ଡା.ଡି.ପି.ସେଠି ଏବଂ ପାରାଦୀପ ଗଲ୍ଫ କ୍ଲବର କ୍ୟାପଟ୍ଟେନ ଅକ୍ଷୟ ଚନ୍ଦ୍ର ସୁତାରଙ୍କ ନେତୃତ୍ୱ ଏବଂ ସଦସ୍ୟମାନଙ୍କ ସକ୍ରିୟ ସହଯୋଗ ସଫଳତାର ସହ ଆୟୋଜିତ ହୋଇଥିଲା ।

# ଜିଲ୍ଲାସ୍ତରୀୟ ବିଶ୍ୱ ଖାଉଟି ଅଧିକାରୀ ୨୦୨୬ ପାଳିତ

ପୁରୀ(ନିପ୍ର): ପୁରୀ ଜିଲ୍ଲା ପ୍ରଶାସନ, ଜିଲ୍ଲା ଓଜନ ଓ ମାପ ବିଭାଗ ଆନୁକୁଲ୍ୟରେ ବିଶ୍ୱ ଖାଉଟି ଅଧିକାର ଦିବସ ୨୦୨୬ ପୁରୀ ଜିଲ୍ଲା ପ୍ରଦକ୍ଷିଣ ଗୃହରେ ପାଳିତ ହୋଇ ଯାଇଅଛି । ଅତିରିକ୍ତ ଜିଲ୍ଲାପାଳ ତଥା ଜିଲା ଉପଭୋକ୍ତା ସୁରକ୍ଷା ଅଧିକାରୀ ନୀଳ ମାଧବ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଆଲୋଚନା ସଭାରେ ଖାଉଟି ସୁରକ୍ଷା ଆଇନ ୨୦୧୯ ଏବଂ ଖାଉଟି ମାନଙ୍କର ଅଧିକାର ତଥା ସୁରକ୍ଷା "ନିରାପଦ ଉତ୍ପାଦ – ଆଶ୍ୱସ୍ତ ଗ୍ରାହକ" ସଂପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସୂଚନା ପ୍ରଦାନ କରାଯିବା ସହ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହି କାର୍ମଶାଳାରେ ପୁରୀ ନଗର ନିଗମର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପନୀୟନ୍ତ୍ରିକା ଓଜନ ଓ ମାପ ବିଭାଗ ପୁରୀ, ପ୍ରଗତି ନାୟକ, ନିରୀକ୍ଷିକା ସୁଶ୍ରୀ ସ୍ୱପନେଶ୍ୱରୀ ବେହେରା, ଯୋଗାଣ ଅଧିକାରୀ ଛୋଟରାୟ ମାରାଣ୍ଡି, ବିଶିଷ୍ଟ ସମାଜ ସେବି ପ୍ରଦ୍ୟୁମ୍ନଚରଣ ସେଠୀ ପ୍ରମୁଖ ଯୋଗଦାନ କରି ଖାଉଟି ସଚେତନତାର ବାର୍ତାପ୍ରଦାନ କରିଥିଲେ । ଏହି କର୍ମଶାଳାରେ ଆଇନଜୀବୀ ବିଜୟାନନ୍ଦ ମିଶ୍ର ଉପସ୍ଥିତ ସଦସ୍ୟ ମାନଙ୍କୁ ଖାଉଟି ସୁରକ୍ଷା ଆଇନ ସଂପର୍କ ବୁଝାଇବା ସହ ଆଇନର ସୁଫଳ କିପରି ମିଳି ପାରିବ ସେ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ପୁରୀ ଜିଲ୍ଲାର ୭୦ ରୁ ଅଧିକ ଖାଉଟି ଏହି କାର୍ମଶାଳା ରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସ୍ୱେଚ୍ଛାସେବି ଅନୁଷ୍ଠାନ ନିହିଡା ଦ୍ୱାରା ଏହି କର୍ମଶାଳା ପରିଚାଳନା କରଯାଇଥିଲା । ନିହିଡାର ସମ୍ପାଦକ ଭକ୍ତ ବିହାରୀ ମିଶ୍ର ଏହି କାର୍ମଶାଳା କୁ ପରିଚାଳନା କରିବା ସହ ଖାଉଟି ମାନେ କିପରି ଅଧିକ ସଶକ୍ତ ହେବେ ସେ ସମ୍ପର୍କରେ ତାଲିମି ପ୍ରଦାନ କରିଥିଲେ । ଶଶୀ ଶେଖର ପଣ୍ଡା ଉପସ୍ଥିତ ଅତିଥି ଏବଂ ଅଂଶଗ୍ରହଣ କାରୀ ଉପଭୋକ୍ତା ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାମନବମୀ ଉପଲକ୍ଷେ ଗଣଦୌଡ଼ ଅନୁଷ୍ଠିତ



ଧାମନଗର(ନିପ୍ର): ପବିତ୍ର ରାମନବମୀ ଉପଲକ୍ଷେ ଧାମନଗରରେ "ରନ୍ ଫର୍ ରାମ" ନାମକ ଗଣଦୌଡ଼ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ଶ୍ରୀରାମ ମହାଯଜ୍ଞ ସମିତି ଧାମନଗର ପକ୍ଷରୁ ଆୟୋଜିତ ଏହି ଗଣଦୌଡ଼ ଜୟନଗର ହନୁମାନ ମନ୍ଦିର ପାଖରୁ ଆରମ୍ଭ ହୋଇ ମେଡିକାଲ ମେଳଣ ପଡିଆ ପର୍ଯ୍ୟନ୍ତ ଯାଇଥିଲା । ଏହି କାର୍ଯ୍ୟକ୍ରମରେ ଧାମନଗର ବ୍ଲକରୁ ବିଭିନ୍ନ ପଂଚାୟତ ରୁ ଯୁବକ, ଯୁବତୀ, ବୃଦ୍ଧ ଓ ଶିଶୁମାନେ ଯୋଗ ଦେଇ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲେ । ଗଣଦୌଡ଼ ସମୟରେ ଭଗବାନ ଶ୍ରୀରାମଙ୍କ ଜୟଧ୍ୱନିରେ ସମଗ୍ର ଧାମନଗର ଅଂଚଳ ମୁଖରିତ ହୋଇଯାଇ ଥିଲା । ଏହି "ରନ୍ ଫର୍ ରାମ" କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସମାଜରେ ଏକତା ଓ ଭାଇଚାରା ବଢ଼ାଇବା ସହିତ ଭାରତୀୟ ସଂସ୍କୃତି ଓ ଶ୍ରୀରାମଙ୍କ ଆଦର୍ଶକୁ ଲୋକମାନଙ୍କ ମଧ୍ୟରେ ପ୍ରଚାର କରିବା । ଏଥିସହ ଆସନ୍ତା ଶ୍ରୀରାମ ମହାଯଜ୍ଞ ଓ ରାମନବମୀ ଉତ୍ସବକୁ ନେଇ ଜନସାଧାରଣଙ୍କୁ ଜାଗୃତ କରିବା ମଧ୍ୟ ଏହାର ଲକ୍ଷ୍ୟ ଥିଲା ।

# 'ସୁନେଲି ବାର୍ତା'ର ସପ୍ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ




ବାଲିଆପାଳ(ନିପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଦକ୍ଷିଣ ବାଲିଆପାଳ ଅଂଚଳର ମାଣିକ ସିମୁଳିଆ ଗ୍ରାମର ସାହିତ୍ୟ ଅନୁଷ୍ଠାନ 'ସୁନେଲି ବାର୍ତା'ର ସପ୍ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । କବି ତଥା ଶିକ୍ଷକ ନଳିନୀ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ସମ୍ବଲପୁର ୟୁନିଭରସିଟିର ଅଧ୍ୟାପକ ନବ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜନ୍ମଦାତ୍ରୀ ମାଆ ପିତାଙ୍କ ବିଷୟରେ ବକ୍ତବ୍ୟ ପ୍ରଦାନ କରିବା ସହିତ ନିଜର ସ୍ୱରଚିତ କବିତା ପାଠ କରି ଉପସ୍ଥିତ ଜନତାଙ୍କୁ ବେଶ ଉତ୍ସାହିତ କରିଥିଲେ । ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ଼ଃ ସୁକାନ୍ତ ଗିରି ଯୋଗଦେଇ କବିତା ଓ ସାହିତ୍ୟ କିପରି ଜଣେ ମଣିଷ ପାଇଁ ଦୈନନ୍ଦିନ ଜୀବନରେ ବାଟ କଢେଇଥାଏ ସେ ବିଷୟରେ ଭାବଗର୍ଭକ ଭାଷଣ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁ, ଅଧ୍ୟାପକ ନିରଞ୍ଜନ ବେହେରା, ପୂର୍ବତନ ଡି ଆଇ ସୁବାଷ ଚୌଧୁରୀ, କବି ସନ୍ତୋଷ କୁମାର ଓଝା, ମିହିର ଦତ, କବି ତଥା ସଂଗୀତଜ୍ଞ ଗିରିଧାରୀ ଭୂୟାଁ ପ୍ରମୁଖ ଯୋଗଦେଇ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସୁନେଲି ବାର୍ତାର ପ୍ରତିଷ୍ଠାତା ରବୀନ୍ଦ୍ର ଦତ ସୁନେଲି ବାର୍ତା ବିଷୟରେ ବର୍ଣ୍ଣନା କରି ତାଙ୍କ ସ୍ୱର୍ଗୀୟ ମାଆଙ୍କ ଶ୍ରାଦ୍ଧ ଦିବସରେ ପ୍ରତି ବର୍ଷ ଏହିପରି କବି ଓ ସାହିତ୍ୟକ ଓ ଲେଖକ ମାନଙ୍କର ସମାବେଶ କରାଯାଇ ଥାଏ ବୋଲି କହିଥିଲେ । ଏହି ଅବସରରେ କବି ମାନଙ୍କ ମଧରେ କବୟିତ୍ରୀ ବିଷ୍ଣୁପ୍ରିୟା ମହାପାତ୍ର, ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ, ଦିବାକର ସିଂ, ପ୍ରଶାନ୍ତ କୁମାର ଜେନା, ସତ୍ୟ ନାରାୟଣ ପତି, ସବିତାରାଣୀ ଦାସ, ବିଷ୍ଣୁପଦ ଦାସ ଅଧିକାରୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । କାର୍ଯ୍ୟକ୍ରମରେ ହରିଶଙ୍କର ଦତ, ଅନୁସୂୟା ଦତ, ଆଶିଷ କୁମାର ପାଢ଼ୀ, ଓମପ୍ରକାଶ ଦାସ, କୃଷ୍ଣା କଲ୍ୟାଣି ଦାସ ଓ ମୁରଲୀଧର ଦାସ ପ୍ରମୁଖ ସହଯୋଗ କରିଥିଲେ । ଉତ୍ସବରେ କବି ବିଷ୍ଣୁପଦ ଦାସ ଅଧିକାରୀ, ନବକୁମାର ପଣ୍ଡା, ଦିବାକର ସିଂ, ପ୍ରଶାନ୍ତ କୁମାର ଜେନା, ସତ୍ୟପ୍ରିୟ ପତି, ସନ୍ତୋଷ କୁମାର ଓଝାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।











ଯାହାର ମନ ଉଦାର, ସିଏ ହିଁ ପ୍ରକୃତରେ ଉଚ୍ଚ ବଂଶ ଜାତ ବ୍ୟକ୍ତି ବୋଲି ବିବେଚିତ ହୋଇଥାନ୍ତି ।

# ଆଜିକାଲି



ଯୋଗସ୍ଥ କୁରୁ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା ଧନଞ୍ଜୟ । ସିଦ୍ଧ୍ୟସିଦ୍ଧ୍ୟୋଃ ସମୋ ଭୂତ୍ୱା ସମତ୍ୱଂ ଯୋଗ ଉଚ୍ୟତେ (ଶ୍ରୀମଦ୍ ଭଗବଦ୍ ଗୀତା)
ଭାବାର୍ଥ :ହେ ଧନଞ୍ଜୟ ! ତୁମେ ଆସକ୍ତି ତ୍ୟାଗ କରି କର୍ମ କର । ସିଦ୍ଧି ଓ ଅସିଦ୍ଧିରେ ସମାନ ବୁଦ୍ଧି ରଖ ଯୋଗସ୍ଥ ହୋଇ କର୍ତବ୍ୟ କର୍ମ କର । ଏହା ସମଜ୍ଞାନ । ଏହି ସମତ୍ୱକୁ ହିଁ ଯୋଗ କୁହାଯାଏ ।

## ରୋଷେଇଶାଳରେ ଚଡକ

ଏଥିରେ କେହି ଦ୍ୱିମତ ହେବେ ନାହିଁ ଯେ, ଇରାନ-ଆମେରିକା ଯୁଦ୍ଧର ପ୍ରଭାବ ଏବେ ଭାରତରେ ହାଣ୍ଡିଶାଳ ଓ ରୋଷେଇଶାଳ ଉପରେ ପଡିଛି । ଯୁଦ୍ଧ ଯୋଗୁଁ ରୋଷେଇର ମୁଖ୍ୟ ଜାଳେଣୀ ଗ୍ୟାସର ଘୋର ଅଭାବ ନେଇ ଜନସାଧାରଣ ଆତଙ୍କିତ ହୋଇପଡିଛନ୍ତି । ଏଲପିଜି ସିଲିଣ୍ଡର ଯୋଗାଣକାରୀ ଗ୍ୟାସ ଡିଲରଙ୍କ ଗୋଦାମ ସମ୍ମୁଖରେ ଲମ୍ୱାଧାଡି ଦେଖିବାକୁ ମିଳୁଛି । ଏଥିରୁ ଇନ୍ଧନ ଗ୍ୟାସର ଅଭାବ ଉତ୍କଟ ସ୍ପଷ୍ଟ ଅନୁମେୟ କରାଯାଇପାରେ । କହିବା ବାହୁଲ୍ୟ ଯେ, ବିଶ୍ୱର ୧୫୦କୋଟି ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର ଭାରତ, ଯେ କି ବିଶ୍ୱର ଚତୁର୍ଥ ବୃହତମ ରାଜନୈତିକ ଶକ୍ତିଭାବେ ପରିଚିତ, ଏହାର ଚାହିଦାର ୮୦ପ୍ରତିଶତ ଗ୍ୟାସ ବିଦେଶରୁ ଆମଦାନୀ କରିଥାଏ । ଏହାମଧ୍ୟରୁ କତାର ଓ ପଶ୍ଚିମ ଏସୀୟ ରାଷ୍ଟ୍ରଗୁଡିକରୁ ୯୦ପ୍ରତିଶତ ପ୍ରାକୃତିକ ଗ୍ୟାସ ହର୍ମୁଜ ପ୍ରଣାଳୀ ଦେଇ ଆମଦାନୀ ହୋଇଥାଏ । ଯୁଦ୍ଧ ଯୋଗୁଁ ହର୍ମୁଜ ପ୍ରଣାଳୀ ଇରାନ ବନ୍ଦ କରିଦେଇଥିବାରୁ ସମ୍ଭବତଃ ଯୁଦ୍ଧ ଶେଷ ନହେବା ପର୍ଯ୍ୟନ୍ତ, ଗ୍ୟାସ ଆମଦାନୀ ହୋଇପାରିବ ନାହିଁ । ଉଲ୍ଲେଖଯୋଗ୍ୟ ରନ୍ଧନ ଗ୍ୟାସର ସ୍ଥିତି ସମ୍ପର୍କରେ ସମୀକ୍ଷା ଲାଗି ସରକାର ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରଥିବାବେଳେ ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଇନ ଲାଗୁ କରିଛନ୍ତି, ଯାହାକି ଦେଶରେ ଗ୍ୟାସର ଗମ୍ଭୀର ପରିସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରେ । ସାଧାରଣତଃ ଭାରତ ଆମଦାନୀ କରୁଥିବା ପ୍ରାକୃତିକ ଗ୍ୟାସର ବୃହତମ ଅଂଶ ସାର କାରଖାନାଗୁଡିକକୁ ଯାଇଥାଏ । କିନ୍ତୁ ଏବେ ରୋଷେଇଶାଳ ପାଇଁ ପିଏନଜି ଏବଂ ପରିବହନ ପାଇଁ ସିଏନଜିକୁ ଅଗ୍ରାଧିକାର ଦେଇଥିବାବେଳେ ଏହା ପଛକୁ ସାରକାରଖାନା ଓ ଅନ୍ୟାନ୍ୟ ଶିଳ୍ପ ରହିଛି । ସାର କାରଖାନାଗୁଡିକରେ ପୂର୍ବରୁ ପାଉଥିବା ଗ୍ୟାସର ୭୦ପ୍ରତିଶତ ଦିଆଯିବା ବ୍ୟବସ୍ଥା ହୋଇଥିବାବେଳେ ଉତ୍ପାଦନ ଭିତିକ ଶିଳ୍ପଗୁଡିକ ପୂର୍ବରୁ ବ୍ୟବହାର କରୁଥିବା ଗ୍ୟାସର ୮୦ପ୍ରତିଶତ ଦେବା ପାଇଁ ନିଷ୍ପତି ହୋଇଛି । ଶିଳ୍ପ ସଂସ୍ଥାଗୁଡିକୁ କାଟଛାଟ ଦେଶର ଅର୍ଥନୀତିକୁ ପ୍ରଭାବିତ କରିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ । ଆହୁରି ମଧ୍ୟ ହୋଟେଲ, ରେଷ୍ଟୁରାଂଟ ଗୁଡିକୁ ଗ୍ୟାସଗୁଡିକୁ ଗ୍ୟାସ ଯୋଗାଣ ବନ୍ଦ ଯୋଗୁଁ ବହୁ ବନ୍ଦ ହୋଇଯାଇଥିବା ରିପୋର୍ଟ ପ୍ରକାଶ ପାଇଛି । ଟ୍ରେନଗୁଡିକରେ ରନ୍ଧା ଖାଦ୍ୟ ଯୋଗାଣ ବନ୍ଦ ପାଇ ସରକାର ନିଷ୍ପତି ନେଇଥିବା କୁହାଯାଇଛି । ଦେଶରେ ଦୁଇମାସ ପାଇଁ ଗ୍ୟାସ ମହଜୁଦ କୁହାଯାଉଥିବା ପରିସ୍ଥିତି ନସୁଧୁରିଲେ କି ଆମଦାନୀ ହୋଇନପାରିଲେ, ସଂକଟ ଉତ୍କଟ ହେବା ଆଶଙ୍କାକୁ ଅଣଦେଖା କରାଯାଇନପାରେ । ଲୋକଙ୍କ ବଂଚିବା ପାଇଁ ଖାଦ୍ୟ ଆବଶ୍ୟକ ଥିବାରୁ ସରକାର ରୋଷେଇଶାଳ ପାଇଁ ଅଗ୍ରାଧିକାର ଦେବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ । ତେବେ ପୂର୍ବରୁ ୧୪ଦିନ ପରେ ଗ୍ୟାସ ବୁକିଂ ସମୟସୀମା ଧାର୍ଯ୍ୟ ହୋଇଥିବାବେଳେ ଏବେ ୨୫ଦିନକୁ ସମୟସୀମା ବୃଦ୍ଧି ହୋଇଛି । କେବଳ ଏତିକି ନୁହେଁ, ରନ୍ଧନ ଗ୍ୟାସ ୪.୨ କେଜି ବିଶିଷ୍ଟ ଘରୋଇ ସିଲିଣ୍ଡର ପିଛା ୫୫ଟଙ୍କା ବୃଦ୍ଧି କରି ସାରିଥିବାବେଳେ ହୋଟେଲ, ରେଷ୍ଟୁରାଂଟଗୁଡିକରେ ବ୍ୟବହୃତ ବ୍ୟବସାୟିକ ଗ୍ୟାସ ସିଲିଣ୍ଡର ପିଛା ମୂଲ୍ୟ ୧୧୫ ଟଙ୍କା ବଢାଇଛନ୍ତି । ଏଣିକି ମାତ୍ର ଅଢେଇ ଦିନରେ ଗ୍ୟାସ ସିଲିଣ୍ଡର ଘରେ ପହଂଚାଇବାକୁ ସରକାର ଘୋଷଣା କରିଛନ୍ତି ସତ୍ତ୍ୱେ ବାସ୍ତବରେଏହା କେତେଦୂର ସମ୍ଭବ ହେବ, ତାହା ଭବିଷ୍ୟତ କହିବ । ପ୍ରକାଶ ଯୋଗ୍ୟ ଯେ, ଦେଶରେ ଏବେ ପ୍ରାୟ ୯୦ପ୍ରତିଶତ ପରିବାରର ମୁଖ୍ୟ ରୋଷେଇ ଉତ୍ସ ରନ୍ଧନ ଗ୍ୟାସ ରହିଛି । ତେବେ ଦେଶରେ ଅଧିକ ମାସ ପାଇଁ ମହଜୁଦ ନାହିଁ । ପ୍ରକାଶ କରାଯାଇପାରେ ଗତ ୨୦୨୨-୨୩ରେ ୟୁକ୍ରେନ ଉପରେ ରୁଷର ଆକ୍ରମଣ ପରେ ଦେଶର ଅର୍ଥନୀତି ଉପରେ ଏତେ ପ୍ରଭାବ ପଡିଥିଲା ଯେ, ଦେଶର କରେଂଟ ଆକାଉଂଟ ଡେପିସିଟ୍ (ସିଏଡି) ୬୭.୧ ବିଲିଅନ ଡଲାରରେ ପହଁଚିଥିଲା । ଯାହାକି ୧୦ବର୍ଷରେ ସର୍ବୋଚ୍ଚ ଥିଲା । ତେବେ ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରାଯାଇପାରିଥିଲା । ଦେଶକୁ ଦେଶକୁ ୫୭.୯ ବିଲିଅନ ଡଲାରର ନେଟ୍ ପୁଁଜି ଆଗମନ, ବୈଦେଶିକ ମୁଦ୍ରା ଭଣ୍ଡାରକୁ ଉଠାଣ ହ୍ରାସ ଏବଂ ରୁଷ ଠାରୁ ରିହାତିରେ ଅଶୋଧିତ ତେହଲ କ୍ରୟ ଯୋଗୁଁ ସିଏଡି ୨୬.୧ ବିଲିଅନ ଡଲାରକୁ ହ୍ରାସ ପାଇଥିଲା । ଏବେ ଇରାନ-ଆମେରିକା ଯୁଦ୍ଧ ଯୋଗୁଁ ସେପରି ହେବାର ସମ୍ଭାବନା ନାହିଁ । ବିଶ୍ୱବ୍ୟାପୀ ଅଶୋଧିତ ତୈଳର ସଂକଟ ସୃଷ୍ଟି ହୋଇଥିବା ବେଳେ ରୁଷଠାରୁ ଭାରତ ଆଉ ରିହାତିରେ ତୈଳ କିଣିବା ସମ୍ଭାବନା ଆଦୌ ନାହିଁ । ଆମେରିକା ଚାପରେ ଭାରତ ରୁଷ ଠାରୁ ତୈଳ କିଣିବା ବନ୍ଦ କରି ନିଜ ଗୋଡରେ ନିଜେ କୁରାଢୀ ମାରିଛି । କେବଳ ଅର୍ଥନୀତି ନୁହେଁ, ଫର୍ଟିଲାଇଜର ସେକ୍ଟରକୁ ଗ୍ୟାସ କଟକଣା ଯୋଗୁଁ ଦେଶରେ ସାର ଉତ୍ପାଦନ ହ୍ରାସ ପାଇବା ଯୋଗୁଁ କୃଷି କ୍ଷେତ୍ର ବିଶେଷ ଭାବେ ପ୍ରଭାବିତ ହେବା ସମ୍ଭାବନା ଅଧିକ । ଏବେ ଫର୍ଟିଲାଇଜର ସେକ୍ଟରକୁ ଚାହିଦା ମୁତାବକ ଗ୍ୟାସ ଯୋଗାଣ ସତ୍ତ୍ୱେ ଦେଶରେ ଉତ୍କଟ ସାର ଅଭାବ ଲାଗି ରହିଛି । ସାର ଉତ୍ପାଦନ ପୁଣି ହ୍ରାସ ପାଇବା ଆଶଙ୍କା ଥିବାରୁ ଦେଶରେ କୃଷି ଉତ୍ପାଦନ ହ୍ରାସ ପାଇବା ଆଶଙ୍କା ଏଡାଇ ଦେଇ ହେଉନାହିଁ । କହିବା ବାହୁଲ୍ୟ ଯେ, ଡିଜିପିରେ କୃଷିର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବାରୁ ଅର୍ଥନୀତି ଉପରେ ପ୍ରଭାବ ପକାଇବ । ଏଥିଲାଗି ବେଳହୁଁ ସାମଧାନ ହେବା ଜରୁରୀ ।

## ରମଜାନର ଅଲୌକିକ ରାତି - ସବେ କଦର



◆ମୌଲାନା ଫଜଲ ହକ ଖାନ୍

ଇସଲାମ ଧର୍ମରେ ୫ଟି ମୌଳିକ ନୀତି ରହିଛି । କଲମା, ନମାଜ, ରୋଜା, ଜକାତ ଏବଂ ହଜ । କଲମା ଅର୍ଥାତ୍ ଏକେଶ୍ୱର ବିଶ୍ୱାସୀ ହେବା । ନମାଜ ଅର୍ଥାତ୍ ପ୍ରଭୁଙ୍କୁ ଭକ୍ତି କରିବା । ରୋଜା ଅର୍ଥାତ୍ ପବିତ୍ର ରମଜାନ ମାସରେ ଉପବାସ କରିବା । ଜକାତ୍ ଅର୍ଥାତ୍ ବର୍ଷକୁ ଥରେ ଗଚ୍ଛିତ ଧନର ଏକ ନିର୍ଦ୍ଧିଷ୍ଟ ଅଂଶ ପ୍ରଭୁଙ୍କ ପ୍ରସନ୍ନତା ପାଇଁ ଦାନ କରିବା । ଏବଂ ହଜ୍ ଅର୍ଥାତ୍ ତୀର୍ଥ କରିବା । ଏହି ୫ଟି ମୌଳିକ ନୀତି ମଧ୍ୟରୁ ରୋଜା ଅନ୍ୟତମ । ପବିତ୍ର ରମଜାନ ମାସରେ ପ୍ରତ୍ୟେକ ମୁସଲିମମାନେ ଉପବାସ ପାଳନ କରନ୍ତି । ପବିତ୍ର ରମଜାନ ମାସର ଇସଲାମୀୟ ଶାସ୍ତ୍ରରେ ବଡ଼ ମହତ୍ୱ ରହିଛି । ଏହା ଏକ ତପସ୍ୟା ଓ ସାଧନାର ମାସ । କର୍ମ ଦ୍ୱାରା ଫଳ ପ୍ରାପ୍ତିର ମାସ । ଭକ୍ତ ଓ ଭଗବାନଙ୍କ ମିଳନର ମାସ । କିଛି ପାଇବାର ମାସ । ବଦାନ୍ୟତାର ମାସ । କିଛି ପାଳନ କରିବାର ମାସ । ପୁନ୍ୟ ଅର୍ଜନ କରିବାର ମାସ । ସେବା ଓ ସହାଯ୍ୟର ମାସ । ଧର୍ଯ୍ୟ ଓ ଆତ୍ମ ସଂଯମର ମାସ । ପ୍ରଭୁଙ୍କୁ ଆପଣା କରିନେବାର ମାସ । ସ୍ୱର୍ଗପ୍ରାପ୍ତିର ମାସ । କୁଭ୍ୟାସ ଦୂର କରିବାର ମାସ । ମାନବ କଲ୍ୟାଣ କରିବା ମାସ । କ୍ଷମାର୍ଚ୍ଚନାର ମାସ । ଆଧ୍ୟାତ୍ମିକ ଋତୁରାଜର ମାସ । ଏକ ସୌଭାଗ୍ୟଶାଳୀ ରାତି ପାଇବାର ମାସ ।

ପବିତ୍ର ରମଜାନ ଏପରି ଅନେକ ଐଶରୀୟ ଅନୁଗ୍ରହର ମାସ ହୋଇଥାଏ । ତନ୍ମଧ୍ୟରୁ ଏହି ମାସରେ ଏପରି ଏକ ସୌଭାଗ୍ୟଶାଳୀ ରାତି ଆସିଥାଏ, ଯାହା ହଜାର ରାତି ଠାରୁ ଉତ୍କୃଷ୍ଟ । ଏହି ପରିପ୍ରେକ୍ଷୀରେ ପବିତ୍ର କୋରାନ କୁହେ; "ପ୍ରକୃତରେ ଆମେ ପବିତ୍ର କୋରାନକୁ ଏକ ମହତ୍ୱପୂର୍ଣ୍ଣ ସୌଭାଗ୍ୟଶାଳୀ ରାତିରେ ଅବତୀର୍ଣ୍ଣ କରିଅଛୁ ଏବଂ (ହେ ହଜରତ ମହମ୍ମଦ ସଲ୍ଲମ) ତୁମକୁ କ'ଣ ଜଣା ଯେ ଯେଉଁ ରାତିରେ ଭାଗ୍ୟ ଅବତରଣ କରିଥାଏ ତାହା କ'ଣ? ଏହି ମହତ୍ୱପୂର୍ଣ୍ଣ ଭାଗ୍ୟଶାଳୀ ରାତି ତ ଏକ ହଜାର ମାସ ଅପେକ୍ଷା ଉତ୍କୃଷ୍ଟତର ଅଟେ । ପ୍ରତ୍ୟେକ ପ୍ରକାରର ଦେବଦୂତ ଓ (ପରିପୂର୍ଣ୍ଣ) ଆତ୍ମା ନିଜ ପାଳନ କର୍ତାଙ୍କ ଆଦେଶ ଅନୁଯାୟୀ ଏହି ରାତିରେ ସମସ୍ତ (ସାଂସାରିକ ଓ ଆଧ୍ୟାତ୍ମିକ )କାର୍ଯ୍ୟ ସହ ଅବତରଣ କରିଥାନ୍ତି । ଦେବଦୂତମାନେ (ଅବତରଣ କଲା ପରେ) ସକାଳର ଆଗମନ ପର୍ଯ୍ୟନ୍ତ ଶାନ୍ତି ହି ଶାନ୍ତି ବର୍ଷଣ ହୋଇଥାଏ ।" ରମଜାନର ଶେଷ ପର୍ଯ୍ୟାୟରେ ଅର୍ଥାତ୍ ଶେଷ ୧୦ ଦିନରେ ଏପରି ଏକ ରାତି ଆସିଥାଏ, ଯାହାକୁ ଏକ ଅଲୌକିକ ରାତି ବା ସୌଭାଗ୍ୟଶାଳୀ ରାତି କୁହାଯାଏ । ଏହି ଲଇଲତୁଲ କଦର୍ ବା ସବେ-କଦର୍ ରାତିର ଅର୍ଥ ହେଲା ଏପରି ଏକ ରାତି ଯେଉଁ ଥିରେ ସିମୀତ ବିଷୟର ନିଷ୍ପତି କରାଯାଏ । ଏହି ସୌଭାଗ୍ୟଶାଳୀ ରାତିରେ ହିଁ ମନୁଷ୍ୟର ଭାଗ୍ୟ ନିର୍ଦ୍ଧାରଣ ହୋଇଥାଏ ଏବଂ ଏହା ନିଷ୍ପତି କରା ଯାଇଥାଏ ଯେ ଆସନ୍ତା ବର୍ଷ ତା' ସହିତ କ'ଣ ହେବ । ସେ କିପରି ଏବଂ କେତେ ଲାଭବାନ ହେବ ଓ ଉନ୍ନତି କରିବ । ତାକୁ କ'ଣ କ'ଣ ଲାଭ ହାସଲ ହେବ ଏବଂ କି ପ୍ରକାରର କ୍ଷତି ସହିବାକୁ ହେବ । ମନୁଷ୍ୟ ଉନ୍ନତିର ସମସ୍ତ ନିଷ୍ପତି ଏହି ଅନ୍ଧାର ରାତିରେ ହିଁ ହୋଇଥାଏ ।



ଯେପରି ମନୁଷ୍ୟର ଉନ୍ନତି ମଧ୍ୟ ବାରମ୍ୱାର ଅନ୍ଧାରରେ ହୋଇଥାଏ । ମାଆ ପେଟ ଭିତର ମଧ୍ୟ ଅନେକ ଅନ୍ଧାରର ସମଷ୍ଟି ଅଟେ । ତଥା ସେଠାରେ ହିଁ ମନୁଷ୍ୟର ସାଂସାରିକ ଉନ୍ନତିର ନିଷ୍ପତି ହୋଇଥାଏ । ଏହି ସୌଭାଗ୍ୟଶାଳୀ ରାତି ସେହି ଉପଯୁକ୍ତ ବଳିଦାନର ନାମ ଅଟେ, ଯାହା ପ୍ରଭୁଙ୍କ ନିକଟରେ ଗ୍ରହଣୀୟ ହୁଏ । ଏହି ସୌଭାଗ୍ୟଶାଳୀ ରାତି ବିଷୟରେ ଯେତେବେଳେ ହଜରତ ମହମ୍ମଦ ସଲ୍ଲମଙ୍କୁ ଜ୍ଞାନ ଦିଆଗଲା । ତେବେ ଆପଣ ଆନନ୍ଦରେ ଘର ବାହାରକୁ ଆସିଲେ କି, ଏ ସମ୍ୱନ୍ଧରେ ଲୋକମାନଙ୍କୁ ଅବଗତ କରାଇବେ ତଥା ସେମାନେ ମଧ୍ୟ ଏଥିରୁ ଉପକୃତ ହେବେ । କିନ୍ତୁ ଯେତେବେଳେ ବାହାରକୁ ଆସିଲେ, ଦେଖିଲେ ଦୁଇ ଜଣ ବ୍ୟକ୍ତି ଝଗଡା ଲାଗିଛନ୍ତି । ଆପଣ ସେମାନଙ୍କ ଝଗଡା ଏବଂ ସମସ୍ୟାର ସମାଧାନ କରିବାରେ ବ୍ୟସ୍ତ ହୋଇଗଲେ ଯଦ୍ୱାରା ସେହି ତାରିଖର ଜ୍ଞାନ ଆପଣଙ୍କ ଧ୍ୟାନରୁ ଦୂରେଇ ଗଲା । ଜଣାପଡୁଛି କି ହଜରତ ମହମ୍ମଦଙ୍କୁ ସେହି ଝଗଡା ସମାଧାନ କରିବାରେ ବହୁତ ସମୟ ଲାଗି ଗଲା । ଯେତେବେଳେ ଆପଣ ଏ ଆଡକୁ ପୁନର୍ବାର ଧ୍ୟାନ ଦେଲେ କି ମୁଁ ସୌଭାଗ୍ୟଶାଳୀ ରାତିର ତାରିଖ ବିଷୟରେ ଅବଗତ କରାଇବାକୁ ଆସିଥିଲି । ସେତେବେଳକୁ ଆପଣ ସେ ନିର୍ଦ୍ଧିଷ୍ଟ ତାରିଖ ଭୁଲି ଯାଇଥିଲେ । ବରଂ ଇତିହାସରେ ଲେଖାଅଛି କି ଆପଣଙ୍କୁ ଏ ତାରିଖ ଭୁଲାଇ ଦିଆଯାଇଥିଲା । ତେଣୁ ହଜରତ ମହମ୍ମଦ କହିଲେ କି ସେହି ଝଗଡା ଯୋଗୁଁ ବା ବିଭ୍ରାଟ ଯୋଗୁଁ ସେହି ନିର୍ଦ୍ଧିଷ୍ଟ ସମୟର ଜ୍ଞାନ ଭୁଲାଇ ଦିଆଗଲା । ସେଥି ଯୋଗୁଁ ଏବେ ତ ନିର୍ଦ୍ଧିର୍ଷ୍ଟ ତାରିଖ ମନେ ନାହିଁ କିନ୍ତୁ ତାକୁ ରମଜାନ ମାସ ଶେଷ ୧୦ ଦିନର ଅଛିଣ୍ଡା ତାରିଖରେ ଅର୍ଥାତ୍ ରମଜାନର ୨୧, ୨୩,୨୫,୨୭ ଏବଂ ୨୯ ତାରିଖରେ ଅନୁସନ୍ଧାନ କର । ସୌଭାଗ୍ୟଶାଳୀ ରାତିରେ ଭିନ୍ନ ପ୍ରକାରର ପରିସ୍ଥିତି ସୃଷ୍ଟି ହୋଇ ଥିବାର ପରିଲିକ୍ଷିତ ହୋଇଥାଏ । ଅନେକ ସମୟରେ ଏହି ସୌଭାଗ୍ୟଶାଳୀ ରାତିରେ ଆକସ୍ମାତ ବଜ୍ର ଘାତ ହୋଇ ପାରିଥାଏ, ଝିପିରି ଝିପିରି ବର୍ଷା ହୋଇପାରି ଥାଏ । ହୃଦୟର ଭାବନା ଏକ ନିର୍ଦ୍ଧିଷ୍ଟ ସମୟ ପାଇଁ ବିଶେଷ ପ୍ରଫୁଲ୍ଲିତ ହୋଇଉଠି ଥାଏ । ଅଥବା ଅଲ୍ଲାଃଙ୍କ ବିଶେଷ ପ୍ରେମକୁ ହୃଦୟଙ୍ଗମ ହୋଇପାରିଥାଏ । ଏସବୁ ଲକ୍ଷଣ ବିଭିନ୍ନ ମଣିଷ ଠାରେ ଭିନ୍ନ ଭିନ୍ନ ଅବସ୍ଥାରେ ଦେଖା ଦେଇଥାଏ । ଏବଂ କିଛି ଅନୁଭୂତି ସହ ସେ ଅତିକ୍ରମ କରିଥାଏ । ତାହା ହିଁ ସେହି ମଣିଷ ପାଇଁ ସୌଭାଗ୍ୟଶାଳୀର ରାତି ହୋଇଥାଏ । ଯେଉଁ ବ୍ୟକ୍ତିକୁ ଏହି ସୌଭାଗ୍ୟଶାଳୀ ରାତି ପ୍ରାପ୍ତ ହେବ ସେ ପ୍ରଭୁଙ୍କ କରୁଣା ଏବଂ ସମୃଦ୍ଧି ପାଇବା ପାଇଁ ଏ ପ୍ରାର୍ଥନା କରିବା ଉଚିତ୍ ଯେ "ଅଲ୍ଲାହୁମ୍ମା ଇନ୍ନକା ଅଫୁଉନ୍ ତୁହିବ୍ ବୁଲ୍ ଅଫ୍ୱା ଫା'ଫୁଅନ୍ନି" ଅର୍ଥାତ୍ ହେ ଅଲ୍ଲାଃ ତୁମେ କ୍ଷତାଦାତା ଏବଂ କ୍ଷମାଦେବାକୁ ବହୁତ ଭଲ ପାଅ । ତେଣୁ ମୋତେ ବି କ୍ଷମା କରି ଦିଅ । ସୌଭାଗ୍ୟଶାଳୀ ରାତି ପ୍ରଭୁଙ୍କ ସାନିଧ ହାସଲ କରିବା ଫଳରେ ସାଧିତ ହୋଇଥାଏ । ଏହା ନିସ୍କଳଙ୍କ ହୋଇ ଅଲ୍ଲାଃଙ୍କ ସାନ୍ନିଧ ହାସଲ କରିବା ପାଇଁ ହୋଇଥାଏ । କେବଳ ସାଂସାରିକ ଉଦ୍ଦେଶ୍ୟ ଦ୍ୱାରା ସୌଭାଗ୍ୟଶାଳୀ ରାତି ମିଳି ପାରିନଥାଏ ବରଂ ନିଷ୍ପାପ ହୋଇ ପ୍ରାର୍ଥନା କରିବା ଉଚିତ୍ । ଯଦ୍ୱାରା ସାଂସାରିକ ଉଦ୍ଦେଶ୍ୟ ବି ପୂରଣ ହୋଇଥାଏ । ଏହି ସୌଭାଗ୍ୟଶାଳୀ ରାତିକୁ ନିର୍ଦ୍ଧିଷ୍ଟ ତାରିଖ ଦ୍ୱାରା ଧାର୍ଯ୍ୟ କରା ନଯିବାରେ ଏହା ମଧ୍ୟ ରହସ୍ୟ ରହିଛି ଯେ କଳହ, ଅଶାନ୍ତି, ଅରାଜକତା, ଦ୍ୱେଷ ମନଭାବ ଦ୍ୱାରା ସେହି ସୌଭାଗ୍ୟାଶାଳୀ ରାତି ପ୍ରାପ୍ତ ହୋଇପାରିନ ଥାଏ, ବରଂ ଶାନ୍ତି, ସହିଷ୍ଣୁତା, ସାଧୁତା ତଥା ଏକତା ଓ ଅଖଣ୍ଡତା ଏବଂ ଭାଇଚାରା ସ୍ଥାପିତ ଦ୍ୱାରା ହିଁ ସେହି ସୌଭାଗ୍ୟଶାଳୀ ରାତି ମିଳି ପାରିଥାଏ । ଯାହା ହଜାର ରାତି ଠାରୁ ଉତ୍କୃଷ୍ଟ । ରମଜାନ ଆମକୁ ଏହି ଶିକ୍ଷା ଦେବାକୁ ଆସିଥାଏ । ଏହି ସବୁ ପୁନ୍ୟ କରିବାର ଅଭ୍ୟାସ କରାଇଥାଏ । ଇସଲାମର ପ୍ରବର୍ତକ ହଜରତ ମୁହମ୍ମଦ ସଲ୍ଲମ କହିଛନ୍ତି; ହତଭାଗା ସେହି ବ୍ୟକ୍ତି ଯାହାକୁ ଜୀବନରେ ବୃଦ୍ଧ ବାପ-ମାଆ ମିଳିଥାଏ, କିନ୍ତୁ ସେ ତାଙ୍କର ସେବା ଓ ସତ୍କାର କରି ମୋକ୍ଷ୍ୟ ପାପ୍ତି କରି ପାରି ନଥାଏ । ଏବଂ ହତଭାଗା ସେହି ବ୍ୟକ୍ତି ଯାହାର ଜୀବନରେ ପବିତ୍ର ରମଜାନ ଆସିଥାଏ ଅଥଚ ସେ ପ୍ରଭୁଙ୍କ ଠାରୁ ତା'ର ପାପ କ୍ଷମା କରାଇ ପାରି ନଥାଏ । ପ୍ରଭୁ ଆମକୁ ପବିତ୍ର ରମଜାନର ପ୍ରକୃତ ଅର୍ଥକୁ ବୁଝି ତଦନୁଯାୟୀ ନିଜ ଜୀବନ ଅତିବାହିତ କରିବାକୁ ଶକ୍ତି ଓ ସାମର୍ଥ ପ୍ରଦାନ କରନ୍ତୁ । ଏହା ହିଁ ଆମର କାମନା ।

*ମଙ୍ଗଳାବାଗ-କଟକ-*
*୯୬୯୨୨୨୫୦୫୭*

## ଅତୁଟ ମାତୃଭକ୍ତି

ଗୀତାରେ ଉଲ୍ଲେଖ ଅଛି ଧର୍ମ ସଂସ୍ଥାପନାର୍ଥାୟ ସମ୍ଭାବାମି ଯୁଗେ ଯୁଗେ । ଧର୍ମର ସ୍ଥାପନା ପାଇଁ ଯୁଗେ ଯୁଗେ ଅବତାରି ପୁରୁଷ ଆର୍ବିଭୂତ ହୁଅନ୍ତି ଏହି ଧରାଧାମରେ । ତୀବ୍ର ଘନ ଅନ୍ଧକାର ଭିତରେ ଉଜ୍ଜ୍ୱଳ ହୋଇ ଉଠିଥାଏ ଆଲୋକର ପ୍ରକାଶ । ଏହି ଚିରନ୍ତନ ସତ୍ୟ ମହାପୁରୁଷ ମାନଙ୍କ ଜୀବନରେ ମଣିଷ ସମାଜର ମଙ୍ଗଳ କାମନା ପାଇଁ ପ୍ରମାଣିତ ହୋଇଛି । ମହାପ୍ରଭୁ ଶ୍ରୀକୃଷ୍ଣ ଦୁରାଚାରୀ କଂସର କାରାଗାରରେ ଜନ୍ମ ହୋଇଥିଲେ, ତ୍ରାଣକର୍ତା ଯୀଶୁ ଜନ୍ମ ହୋଇଥିଲେ ସଂସ୍କାର ବିହୀନ ୟୁହିଦୀ ସାମ୍ରାଜ୍ୟର ଏକ ଅସ୍ତାବଲରେ । ହଜରତ୍ ରସୁଲଙ୍କ ଆବିର୍ଭାବ ହୋଇଥିଲା ମକ୍କା ପରିସ୍ଥାନରେ ଯେଉଁଠି ଦୁର୍ଦ୍ଦଶ ଓ ବର୍ବରତାର ହା ହା କାର ଚାରିଆଡ଼େ ଥିଲା । ଆଉ ହିନ୍ଦୁ ଧର୍ମକୁ ବିଲୋପ ପାଇଁ ମୁସଲମାନଙ୍କ ଶାସନର ଥରହର ସମୟ ଭିତରେ ପ୍ରଭୁ ଶ୍ରୀ ଚୈତନ୍ୟ ନଦିଆରେ ପହ□ି ଥିଲେ । ପୁରୁଷୋ□ମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହି କଳିଯୁଗରେ ନରରୂପୀ ନାରାୟଣ ଅବତାରରେ ତତ୍କାଳୀନ ପୂର୍ବ ବଙ୍ଗର ପାବନା ଜିଲ୍ଲା ହିମାୟିତ୍ ପୁରରେ ଆର୍ବିଭାବ ହୋଇଥିଲେ ଯେଉଁ ସମୟରେ ସେହି ସ୍ଥାନ ଦିନରେ ବି ଅପରାଧୀଙ୍କ ଅମରାବତୀ ଥିଲା । ଲୋକ ପାବନ ଲୀଳା କ୍ରମରେ ସେପରି ପାପ ପଙ୍କିଳ ପରିବେଶ ଭିତରେ ପ୍ରେମମୟ ବ୍ୟକ୍ତିତ୍ୱର ଯାଦୁକରୀ ସ୍ପର୍ଶରେ ପୁରୁଷୋ□ମ ଶ୍ରୀ ଶ୍ରୀ ଠାକୁର ଦୁର୍ବୃ□ଙ୍କ ହୃଦୟ ହରିନାମ ସଂକୀର୍ତନରେ ଦସ୍ୟୁରତ୍ନାକରରୁ ବାଲ୍ମିକୀକୁ ପରିବର୍ତିତ କରିଥିଲେ । ଜଣେ ଦୁଃଚରିତ୍ର ବ୍ୟକ୍ତି ମାତୃ ସମାଜ ପ୍ରତି କୁଚିନ୍ତା କରି ନିଜ ପାପ ଚିନ୍ତାରେ ମଗ୍ନ ରହିଥିବା ବେଳେ ଶ୍ରୀ ଶ୍ରୀ ଠାକୁରଙ୍କ



ଦିବ୍ୟାଶୀର୍ବାଦରେ ତାର ହୃଦୟ ପରିବର୍ତିତ ହୋଇ ଥିଲା । ଲୋତକର ଧାରା ମହାପ୍ରଭୁ ଶ୍ରୀ ଶ୍ରୀ ଠାକୁରଙ୍କ ପାଦପଦ୍ମରେ ସମର୍ପଣ କରି ସେ ନିଜକୁ ଆଧ୍ୟାତ୍ମିକତାର ରାସ୍ତାରେ ନିମଜ୍ଜିତ କରିଥିଲା । ଶ୍ରୀ ଶ୍ରୀ ଠାକୁର ମାନବ ସମାଜ ପ୍ରତି ଗୁରୁବାଣୀ ପ୍ରଦାନ କରି କହିଛନ୍ତି 'ମଣିଷର କାମ ପ୍ରବୃତିକୁ ଦମନ କରିବା ପାଇଁ ମାତୃ ଭାବ ଗୋଟିଏ ମହୌଷଧି ଭଳି କାର୍ଯ୍ୟ କରିଥାଏ । ମଣିଷର ଆଦି ବାକ୍ସ୍ଫୁରଣର ପ୍ରଥମ ଶବ୍ଦ ହେଉଛି ମାଆ ।' ଏହା ନିଃସନ୍ଦେହ ମନ ଭିତରେ ମାତୃଭାବ ଜାଗରିତ ହେଲେ ମଣିଷର କୁପ୍ରବୃତି ଅବଦମିତ ହୁଏ । ପ୍ରାଚୀନ ଇତିହାସର ତଥ୍ୟରୁ ଜଣାଯାଏ ମାଆ ଜଗତ୍‌ଜନନୀ ଦୁର୍ଗାଙ୍କର ବିଶ୍ୱବିମୋହନ ମାତୃମୂର୍ତି ଦର୍ଶନ କରି ମହିଷାସୁରର ଉତ୍କଟ କାମ ପ୍ରବୃତି ଅବଦମିତ ହୋଇଥିଲା । ସେହିପରି ଦୁରାଚାରୀ ରାବଣ ସତୀ ସୀତାଙ୍କୁ ଅପହରଣ କରିବା ପରେ ତାଙ୍କର ମାତୃତ୍ୱମୟୀ ବ୍ୟକ୍ତିତ୍ୱର ପ୍ରଭାବରେ ଅଭିଭୂତ ହୋଇ ତାଙ୍କୁ ମା' ବ୍ୟତୀତ ଆଉ କିଛି ବି ଭାବି ପାରି ନଥିଲା । ପରମ ପୁରୁଷୋ□ମ ଶ୍ରୀ ଶ୍ରୀ ଠାକୁର ଆମ ସମୟରେ ମାତୃ ଜାତିଙ୍କୁ ସମ୍ଭାଷଣ ପ୍ରଦାନରେ କହିଛନ୍ତି - 'ଝିଅ ମୋର, ତୁମର ସେବା, ତୁମର ଚାଲିବା, ତୁମର ଚିନ୍ତା, ତୁମର କହିବା - ପୁରୁଷ ଜନସାଧାରଣଙ୍କ ମଧ୍ୟରେ ଯେପରି ଏପରି ଗୋଟିଏ ଭାବର ସୃଷ୍ଟି କରେ - ଯେଉଁଥିରେ ସେମାନେ ଅବନତ ମସ୍ତକରେ, ନତଜାନୁ ହୋଇ ସସମ୍ଭ୍ରମେ, ଭକ୍ତି ଗଦ ଗଦ କଣ୍ଠରେ ମା'ମୋର,ଜନନୀ ମୋର, କହି ମୁଗ୍ଧ ହୁଅନ୍ତି, ବୁଦ୍ଧ ହୁଅନ୍ତି, ତୃପ୍ତ ହୁଅନ୍ତି, କୃତାର୍ଥ ହୁଅନ୍ତି ତେବେ ହିଁ ତୁମେ ଝିଅ - ତେବେ ହିଁ ତୁମେ ସତୀ ।' ଶ୍ରୀ ଶ୍ରୀ ଠାକୁର ଆଧ୍ୟାତ୍ମିକ ମାର୍ଗଦର୍ଶନରେ କହିଛନ୍ତି 'ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ କା□ନ ପ୍ରତି ଆସକ୍ତିରୁ ଆସେ, ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ । ମାତୃଭାବ ହୃଦୟରେ ପ୍ରତିଷ୍ଠିତ ନ ହେଲେ ସ୍ତ୍ରୀଲୋକକୁ ଛୁଇଁବା ଅନୁଚିତ - ଯେତେ ଦୂରେଇ ରହିପାର ସେତେ ଭଲ; ଏପରିକି ମୁଖଦର୍ଶନ ନକରିବା ଆହୁରି ଭଲ । ସୃଷ୍ଟି ତତ୍ତ୍ୱ, ଗଣିତ ବିଦ୍ୟା, ରସାୟନ ଶାସ୍ତ୍ର ଇତ୍ୟାଦିର ଆଲୋଚନାରେ କାମ ରିପୁର ଦମନ ହୁଏ । କାମିନୀ କା□ନ ସମ୍ୱନ୍ଧୀୟ ଯେ କୌଣସି ରକମର ଆଲୋଚନା ହିଁ ସେଥିପ୍ରତି ଆସକ୍ତି ଆଣି ଦେଇ ପାରେ । ସେ ସବୁ ଆଲୋଚନାରୁ ଯେତେ ଦୂରେଇ ରହିପାରିବେ ସେତେ ଭଲ ।' ହେ ବିଦଗ୍ଧ ମାନବ ସମାଜ, ମାତୃଜାତି ପ୍ରତି ସମ୍ମାନରେ ତୁମର ସମ୍ମାନ ବଢ଼ିବ । ସମାଜ ଓ ବିଶ୍ୱର ଶାନ୍ତି ପ୍ରତିଷ୍ଠାର ମୂଳମନ୍ତ୍ର ସେହି ଠାରେ ହିଁ ରହିଛି ।

## ସଂଗ୍ରାମୀ ପୋଟ୍ଟି ଶ୍ରୀରାମୁଲୁ

◆ ବାଦଲ ଭୂୟାଁ

### ଆନ୍ଧ୍ର ପାଇଁ ଜୀବନ ଦେଇଥିବା ସଂଗ୍ରାମୀ

ଦକ୍ଷିଣ ଭାରତୀୟ ରାଜ୍ୟ ଆନ୍ଧ୍ରପ୍ରଦେଶ ଏବେ ଦୁଇ ଭାଗରେ ବିଭକ୍ତ ହୋଇସାରିଛି । ସ୍ୱତନ୍ତ୍ର ତେଲେଙ୍ଗାନା ଓ ସୀମାନ୍ଧ୍ର ରୂପ ନେଇ ସାରିଛି । ତେବେ ପ୍ରଥମେ ତେଲୁଗୁ ଭାଷାଭାଷୀ ଅଂଚଳକୁ ନେଇ ସ୍ୱତନ୍ତ୍ର ରାଜ୍ୟ ଆନ୍ଧ୍ରପ୍ରଦେଶ ଗଠନ କରିବାର ସ୍ୱପ୍ନ ଦେଖିଥିବା ସଂଗ୍ରାମୀ ହେଉଛନ୍ତି ପୋଟ୍ଟି ଶ୍ରୀରାମୁଲୁ । ଆନ୍ଧ୍ର ଗଠନ ପାଇଁ ଶ୍ରୀରାମୁଲୁଙ୍କ ପ୍ରାଣବଳୀ ଦେବାକୁ ପଡ଼ିଥିଲା । ତେଲୁଗୁ ଭାଷାଭାଷୀ ଅଂଚଳକୁ ନେଇ ମାଡ୍ରାସ୍ ପ୍ରେସିଡେନ୍ସି ଠାରୁ ଭିନ୍ନ ଏକ ରାଷ୍ଟ୍ର ଗଠନ କରିବା ଲାଗି ଶ୍ରୀରାମୁଲୁ ତତ୍କାଳୀନ ଭାରତର ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ, ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ପଟ୍ଟାଭୀ ସିତାରାମୟାଙ୍କୁ ନେଇ ଗଠିତ କମିଟି ଆଗରେ ପ୍ରସ୍ତାବ ରଖିଥିଲେ । ମାତ୍ର ତାଙ୍କର ଏହି ଦାବିକୁ କମିଟି ଖାରଜ କରି ଦେଇଥିଲା । ୧୯ ଅକ୍ଟୋବର ୧୯୫୨ ମସିହା ଆନ୍ଧ୍ର ଗଠନ ଦାବିରେ ଶ୍ରୀରାମୁଲୁ ମାଡ୍ରାସ୍ ଠାରେ ଆମରଣ ଅନଶନ ଆରମ୍ଭ କରିଥିଲେ । ଦୀର୍ଘଦିନ ଧରି ଅନଶନ କରିବା ଯୋଗୁଁ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇ ପଡ଼ିଥିଲା । ଶେଷରେ ଡିସେମ୍ୱର ୧୬ ତାରିଖ ୧୯୫୨ରେ ତାଙ୍କର ଦେହାନ୍ତ ଘଟିଥିଲା । ଶ୍ରୀରାମୁଲୁଙ୍କ ଦେହାନ୍ତ ପରେ ଆନ୍ଧ୍ରପ୍ରଦେଶ ଗଠନ ଦାବି ତୀବ୍ର ହୋଇଥିଲା । ଶେଷରେ ନେହରୁ ଆନ୍ଧ୍ର ଗଠନ ପ୍ରସ୍ତାବକୁ ମଞ୍ଜୁରୀ ଦେବାକୁ ବାଧ୍ୟ ହୋଇଥିଲେ । ଶ୍ରୀରାମୁଲୁ ୧୯୦୧ ମସିହା ମାର୍ଚ୍ଚ ୧୬ ତାରିଖରେ ଆନ୍ଧ୍ରପ୍ରଦେଶର ପ୍ରକାଶମ୍ ଜିଲ୍ଲା ଅନ୍ତର୍ଗତ ପେଦାଚେର୍ଲପଲ୍ଲୀ ମଣ୍ଡଳମ୍ ଠାରେ ଜନ୍ମଗ୍ରହଣ କରିଥିଲେ । ବମ୍ବେସ୍ଥିତ ଭିକ୍ଟୋରିଆ ଜୁବ୍‌ଲୀ ଟେକ୍‌ନିକାଲ ଇନ୍‌ଷ୍ଟିଚ୍ୟୁଟର ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିବା ପରେ ସେ ଭାରତୀୟ ରେଳବାଇରେ ଯୋଗ ଦେଇ ଥିଲେ । ମାତ୍ର ଚାକିରି ଛାଡ଼ି ସେ ଦେଶର ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ଶ୍ରୀରାମୁଲୁ ଜାତିର ପିତା ଗାନ୍ଧିଜୀଙ୍କ ପରମଭକ୍ତ ଥିଲେ । ସତ୍ୟ, ଅହିଂସାରେ ତାଙ୍କର ପ୍ରଗାଢ଼ ବିଶ୍ୱାସ ଥିଲା । ଆମରଣ ଅନଶନ କରିବାରେ ଅସାଧାରଣ ଦକ୍ଷତା ଥିଲା ତାଙ୍କର । ଥରେ ଗାନ୍ଧିଜୀ କହିଥିଲେ, ଯଦି ମୋ ପାଖରେ ଶ୍ରୀରାମୁଲୁଙ୍କ ଭଳି ଦଶ ଜଣ ସଂଗ୍ରାମୀ ଥାଆନ୍ତେ, ତା ହେଲେ ମୁଁ ଗୋଟିଏ ବର୍ଷ ମଧ୍ୟରେ ଦେଶକୁ ସ୍ୱାଧୀନ କରିଦେଇଥାନ୍ତି

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଂଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର*

## ପ୍ରିୟା ମୋ ଆସୁଛି ଫେରି..



◆ ସସ୍ମିତା ରାୟ

ପ୍ରିୟା ରେ....ପ୍ରିୟା ରେ.......
ଏଇ ବରଷ ଫଗୁଣେ ଫେରି ତୁ ଆରେ
ରଙ୍ଗେଇ ଦେବି ପ୍ରିୟା ତୋ ମନ
ଭରି ଯିବ ଅଙ୍ଗେ ଅଙ୍ଗେ
ହଜି ନ ଯିବୁ କେଉଁ ରାଇଜେ
ଫଗୁଣର ଫଗୁ ରଙ୍ଗେ ।।
ଆର ବରଷ ଏଇ ଫଗୁଣେ
ମନ ତୋ ହଜିଥିଲା
ଖୋଜି ଖୋଜି ମୁଁ ସାରା ଦୁନିଆଁ
ଫଗୁଣ ଫେରିଗଲା ।।
ସରିଯାଏ ରାତି ସରେନା ଗପ
ଆଖିରେ ନଥାଏ ନିଦ
ଶେଷ ଫଗୁଣରେ ଫେରି ଗଲାପରେ
ରହିଯାଏ କେଇ ପଦ ।।
ଦୁଷ୍ଟ ପବନ ବହୁଛି ଆଜି
କହୁଛି ମୋ କାନରେ
ପ୍ରିୟା ମୋର ଆଜି ଆସୁଛି ଫେରି
ଏଇ ମୋ ଗାଁ ମୁଣ୍ଡରେ ।।
ରହିଯାରେ ରାତି ରହିଯା ଜହ୍ନ
ଆଜି ଆସିଛି ମିଳନ ରାତି
ସଜେଇ ଦେବି ମୁଁ ଫୁଲ ଅଗଣା
ହେବ ଏ ଅଭୁଲା ସ୍ମୃତି ।।

## ବର୍ଷା ବିନ୍ଦୁ

◆ ଭବାଶିଷ ଦାସ

ବର୍ଷା ବିନ୍ଦୁ ସବୁଠାରେ ପଡ଼େ । ତତଲା କରେଇରେ ପଡ଼ିଲେ ତାହା ସଙ୍ଗେ ସଙ୍ଗେ ଶୁଖିଯାଏ । ସର୍ବଦା ବିଷୟ ବାସନାରେ ବ୍ୟସ୍ତ ଥିବା ମନ ଉପରେ ଗୁରୁଙ୍କର ଅଶେଷ ଜ୍ଞାନରୂପୀ ବର୍ଷା ବିନ୍ଦୁ ପଡ଼ି ସଙ୍ଗେ ସଙ୍ଗେ ସେହିଠାରେ ଶୁଷ୍କ ହୋଇଯାଏ । ଆମେ ଶୁଣୁ କିନ୍ତୁ ଅନୁଧ୍ୟାନ କରୁନା । ଶବ୍ଦର ଉର୍ଦ୍ଧ୍ୱରେ ନୀରବତା ରାଜ୍ୟକୁ ଯିବା ପାଇଁ ଆଦୌ ଧ୍ୟାନ କରୁନା । ପଦ୍ମ ପତ୍ର ଉପରେ ବର୍ଷା ବିନ୍ଦୁ ପଡ଼ିଲେ ମୋତି ପରି ଖୁବ ସୁନ୍ଦର ଦିଶେ । ଏହା ମୁହୂର୍ତକ ପାଇଁ ରହେ, ପତ୍ରଟି ହଲିବା ପର୍ଯ୍ୟନ୍ତ । ତାପରେ ଖସିପଡ଼େ । ସେହିପରି ଆମେ ଏକାଗ୍ର ଚିତ ହୋଇ ଶୁଣିଲେ, ଆମର ପ୍ରକୃତି ଆତ୍ମା ପ୍ରତି କିଂଚ୍ଚିତ ବିଶ୍ୱାସ ବୃଦ୍ଧି କଲେ ଗୁରୁ ଓ ଶାସ୍ତ୍ରର ବାଣୀ ଆମର ପଦ୍ମ ପତ୍ର ସଦୃଶ ମନରେ ମୋତି ପରି ରହେ । ସାବଧାନ ! ଅହଂକାରପୂର୍ଣ୍ଣ ବଚନ ଓ ଅତିଶୟ ସାଂସାରିକ କର୍ମ ତୁମ ଠାରୁ ଜ୍ଞାନକୁ ଅପହରଣ କରି ନେବାର ଶକ୍ତି ରଖିଛନ୍ତି । ସେହି ବର୍ଷା ବିନ୍ଦୁ ଶାମୁକା ଉପରେ ପଡ଼ିଲେ ଏହାକୁ



ଉଜ୍ଜ୍ୱଳ ମୁକ୍ତାରେ ରୂପାନ୍ତରିତ କରିଦିଏ । କୁହାଯାଏ ଯେ ବର୍ଷା ବିନ୍ଦୁ ପଡ଼ିବା ମାତ୍ରେ ଶାମୁକା ବନ୍ଦ ହୋଇଯାଏ ଏବଂ ସମୁଦ୍ର ଗର୍ଭକୁ ଚାଲିଯାଇ ଧ୍ୟାନସ୍ଥ ହୁଏ ଓ ବର୍ଷା ବିନ୍ଦୁକୁ ମୁକ୍ତାରେ ରୂପାନ୍ତରିତ କରେ । ସେହିପରି ପ୍ରକୃତ ଅନୁସନ୍ଧିତ୍ସୁମାନେ ହୃଦୟରେ ଜ୍ଞାନର ବାଣୀ ଗ୍ରହଣ କରନ୍ତି, ଏହା ଉପରେ ଚିନ୍ତନ କରନ୍ତି ଏବଂ ଜ୍ଞାନାଲୋକ ପ୍ରାପ୍ତ କରନ୍ତି । ଜୀବନରେ ସତକର୍ମ ଓ ସତଚିନ୍ତା ସହ ପାରିବାରିକ ମୂଲ୍ୟବୋଧ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବର୍ଷା ବିନ୍ଦୁ ପରି ନିଜ କର୍ମ ଓ ଚରିତ୍ରକୁ ନିର୍ମଳ ଓ ସାମାଜିକ ବିକାଶ ପାଇଁ ଉତ୍ସର୍ଗ କଲେ ଜୀବନର ଆଦର୍ଶ ଓ ମହନୀୟତା ପରିସ୍ଫୁଟିତ ହେବ ଏହା ହିଁ ଯଥାର୍ଥରେ ମାନବ ଧର୍ମ ।

*ଆଡ଼ଭୋକେଟ, ଓଡ଼ିଶା ହାଇକୋର୍ଟ, କଟକ : ୯୮୬୧୧୧୮୬୭୩*



## ପୋଲିସ ପରିଚୟ ଦେଇ ବଟି ଆଦାୟ କରୁଥିବା ଯୁବକ ଗିରଫ

ଖଇରା(ନିପ୍ର): ନିଜକୁ ପୋଲିସ ପରିଚୟ ଦେଇ ସୋର-କୁପାରୀ ରାସ୍ତାରେ ଗାଡିରୁ ବଟି ଆଦାୟ କରୁଥିବା ଅଭିଯୋଗରେ ଆଇଆଇସି ଜନ ପଟ୍ଟନାୟକ ଖଇରା ଥାନା ଅର୍ଜୁନପୁର ଗ୍ରାମର ମାହି ରଞ୍ଜନ ଦାସଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଗତ କିଛିଦିନ ଧରି ରାତିରେ ଅନ୍ୟ କିଛି ସହଯୋଗୀଙ୍କ ସହ ମିଶି ଉପରୋକ୍ତ ରାସ୍ତାରେ ଯାଉଥିବା ଭାରିଯାନ ଗୁଡିକୁ ଅଟକାଇ ପୋଲିସ ବୋଲି ପରିଚୟ ଦେଇ ମୋଟା ଅଙ୍କର ବଟି ଆଦାୟ କରୁଥିବା ନେଇ ଟ୍ରକ ମାଲିକ ଚତୁର୍ଭୁଜ ଦାସ ଅଭିଯୋଗ କରିଥିଲେ ।

## ଠିକାଦାରଙ୍କ ମନ ମାନି ପାଇଁ ଜନସାଧାରଣ ହନ୍ତସନ୍ତ

ଉଦଳା(ନିପ୍ର): ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ର ୫ ନମ୍ବର ୱାର୍ଡ ରେ ଚକାଡୋଳା ଛକ ଦେଇ କୃଷକ ବଜାର ଯାଇଥିବା ରାସ୍ତାଟି ଉଦଳାର ହୃତପିଣ୍ଡ ରାସ୍ତା କହିଲେ ଅତ୍ୟୁକ୍ତି ହେବ ନାହିଁ । ସରକାରୀ ଯୋଜନାକୁ ଭିତିକରି ଉକ୍ତ ରାସ୍ତା ଦେଇ ଯାଇଥିବା ଅଣ ଓସାରିଆ ପୋଲଟି କୁ ଓସାରିଆ କରିବା ପାଇଁ ଭଙ୍ଗା ଯାଇ ଅଛି । ରାସ୍ତାର ପ୍ରଶସ୍ତି କରଣ ପାଇଁ ଲୋକେ ଉତ୍ସାହିତ ହୋଇଥିବା ବେଳେ ଠିକାଦାର ଙ୍କ ମନ ମାନି କାର୍ଯ୍ୟ ପାଇଁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉ ଛନ୍ତି । ଯେଉଁ କାମଟି ୧୦ ଦିନରେ ଶେଷ ହେବା କଥା ତାହା ଦଶ ମାସରେ ହେବକି ନାହିଁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅଗ୍ନିଶମ ଗାଡ଼ି ଓ ଆମ୍ବୁଲାନ୍ସ ଯିବା ପାଇଁ ଏହା ମୁଖ୍ୟ ରାସ୍ତା ଅଟେ । ର୍ବମାନ କୌଣସି ଏକ ଦୁର୍ଘଟଣା ଘଟିଲେ ଦେଢ଼ କିଲୋମିଟର ଘୁରି ଯିବାକୁ ପଡୁଛି । ପରିବା ପାଇଁ ବଜାର ଯିବାକୁ ହେଲେ ଏହି ସିଧା ରାସ୍ତାକୁ ଲୋକେ ବିବେଚନା କରି ଥାଆନ୍ତି । ରାସ୍ତା ଭଙ୍ଗା ଯାଇଥିବା ହେତୁ ଲୋକେ ବଜାର ମଧ ଦେଇ ଯା ଆସ କରିବାକୁ ପଡୁଛି । ବଜାର ମଧ ଦେଇ ବସ, ମୋଟର, ଲୋକ ଯିବା ହେତୁ ଅଧିକାଂଶ ସମୟରେ ଦୁର୍ଘଟଣା ମାନ ଦେଖିବାକୁ ମିଳୁଛି । ଜନସାଧାରଣଙ୍କ ହିତ ପାଇଁ ଉଚ୍ଚ କର୍ତୃପକ୍ଷ ଦୃଷ୍ଟି ଦେଲେ ପୋଲ କାମଟି ଯଥା ଶୀଘ୍ର ହୋଇ ପାରନ୍ତା ବୋଲି ବୁଦ୍ଧିଜୀବୀ ମହଲ ରେ ଆଲୋଚନା ହେଉଛି ।

## ମହାରାଜା ଶ୍ରୀ ରାମଚନ୍ଦ୍ର ଜ୍ୟୋତି ରଥକୁ ସମ୍ମାନ



ବୈଶିଙ୍ଗା(ନିପ୍ର): ମୟୂରଭଞ୍ଜ ଜିଲ୍ଲାର କଳା, ସଂସ୍କୃତି ଓ ପର୍ଯ୍ୟଟନର ବିକାଶ ଲାଗି ବଳାଙ୍ଗୀ ମହୋତ୍ସବ କମିଟି, ବାରିପଦା ପକ୍ଷରୁ ଦ୍ୱିତୀୟ ଶ୍ରୀ କ୍ଷେତ୍ର ବାରିପଦାରୁ ବାହାରିଥିବା ବଳାଙ୍ଗି ସଂସ୍କୃତିକୁ ଜାଗରଣ ଯାତ୍ରା ଓ ମହାରାଜା ରାମଚନ୍ଦ୍ର ଜ୍ୟୋତି ରଥ କୁ ରବିବାର ୧୫.୦୩.୨୬ ଦିନ ୧୧.୪୫.ସମୟରେ ବୈସିଙ୍ଗା ବଜାର ଥାନା ପାଖ ବସ ଷ୍ଟାଣ୍ଡ ରେ ପହଂଚିବା ପରେ ଭବ୍ୟ ସ୍ୱାଗତ ଓ ସମର୍ଦ୍ଧାନା ଦିଆ ଯାଇଥିଲା ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ବିକାଶ ମଂଚ ବୈଶିଙ୍ଗାର ବନ୍ଧୁମାନେ, ଅପେକ୍ଷାରତ ଯାତ୍ରୀ ଗଣ ଏବଂ ବଜାରର ଅନ୍ୟାନ୍ୟ ବନ୍ଧୁଗଣ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ବଳାଙ୍ଗୀ ମହୋତ୍ସବ କମିଟିର ପ୍ରତିଷ୍ଠାତା ଶରତ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ତଥା କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ ତତ୍ତ୍ୱାବଧାନରେ ପ୍ରାୟ ୬୦ ଜଣ ରୁ ଉର୍ଦ୍ଧ ସଂସ୍କୃତି ସୈନିକ ବୈସିଙ୍ଗା ଥାନା ପାଖ ବସ ଷ୍ଟାଣ୍ଡ ରେ ପହଂଚିଥିଲେ । ମୟୂରଭଞ୍ଜର ପାରମ୍ପରିକ ପ୍ରଥା ଅନୁସାରେ ଜ୍ୟୋତି କୁ ପୁଷ୍ପ ଗୁଛ ସହ ଧୂପଦୀପ ଓ ଶଙ୍ଖ ଧ୍ୱନି ରେ ସ୍ୱାଗତ ଜନାଇଥିଲୁ । ବରିଷ୍ଠ ନାଗରିକ ବିକାଶ ମଂଚ ତରଫରୁ ସଭାପତି ସୀତା ନାଥ ବେହେରା ସ୍ୱାଗତ ଭାଷଣ ଦେଇଥିଲେ, ସମ୍ପାଦକ ଅଶ୍ୱିନୀ କୁମାର ମହାରଣା ଓ ସହ ସମ୍ପାଦକ ଶ୍ରୀ ଲକ୍ଷ୍ମୀଧର ନାଥ ମୟୂରଭଞ୍ଜ ରାଜାଙ୍କ ଅବଦାନ ବିଷୟରେ ଗୁଣଗାନ କରିଥିଲେ ଯଥା, ମୟୂରଭଞ୍ଜ ଟ୍ରେନର ଶୁଭାରମ୍ଭ, ଶିମିଳିପାଳ ଅଭୟାରଣ୍ୟ ସୁରକ୍ଷା ଓ ମେଡ଼ିକାଲ କଲେଜ ପ୍ରତିଷ୍ଠା ଇତ୍ୟାଦି ଅନେକ ଅବଦାନ ବିଷୟରେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ସଞ୍ଜୟ ମିଶ୍ର ଏବଂ ଦୀପକ ସିଂହ ନିତ୍ୟାନନ୍ଦ ପାତ୍ର ଉପସ୍ଥିତ ଥିଲେ । ମଂଚ ତରଫରୁ ବରିଷ୍ଠ ସକ୍ରିୟ ମେମ୍ବର ଯଥା ସହସଂପଦକ ଗିରିଶ ଚନ୍ଦ୍ର ରାଉତ, ବ୍ରଜ କୁମାର ଦାସ, ମହେନ୍ଦ୍ର ସାହୁ, ସୁଦର୍ଶନ ମହାପାତ୍ର, ବ୍ରହ୍ମାନନ୍ଦ ମହାପାତ୍ର, ବ୍ରହ୍ମାନନ୍ଦ ମିଶ୍ର, ଭଗବାନ ମଣ୍ଡଳ, ପଂଚାନନ ମହାରଣା, ରମେଶ ଚନ୍ଦ୍ର ଲେଙ୍କା, ପ୍ରଫୁଲ୍ଲ ସେନାପତି, ଚକ୍ରଧର ମହାନ୍ତି, ସୁରେଶ ଚନ୍ଦ୍ର ମହାପାତ୍ର, ବୈଦ୍ୟନାଥ ସାହୁ, ନବୀନ ପଞ୍ଚା, ଜଗନ୍ନାଥ ନାୟକ, ସୁଦାମ ସାହୁ, ବଂଶୀଧର ସାହୁ, ସୁଦର୍ଶନ ପଣ୍ଡା ଓ ସନ୍ତୋଷ ଦୁର୍ଗା ପ୍ରମୁଖ ଗଣ ଏହି ଉତ୍ସବ ରେ ସାମିଲ ଥିଲେ । ଶେଷରେ ବାଲାଙ୍ଗି ମହୋତ୍ସବ କମିଟିର କାର୍ଯ୍ୟକାରୀ ସମ୍ପାଦକ ଉପସ୍ଥିତ ଥିବା ବନ୍ଧୁ ମାନଙ୍କୁ ଧନ୍ୟବାଦ୍ ଦେଇଥିଲେ ।

## ଅର୍ଥ ବିଭାଗର ପ୍ରମୁଖ ସଚିବଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ସମୀକ୍ଷା



ପୁରୀ(ନିପ୍ର): ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହ ଠାରେ ଅର୍ଥ ବିଭାଗର ପ୍ରମୁଖ ସଚିବ ସଂଜୀବ କୁମାର ମିଶ୍ରଙ୍କ ଅଧକ୍ଷତାରେ ଜିଲ୍ଲା ପ୍ରଶାସନର ସମସ୍ତ ଜିଲ୍ଲା ସ୍ତରୀୟ ସରକାରୀ ଯୋଜନା କାର୍ଯ୍ୟଉପରେ ସମୀକ୍ଷା କରାଯାଇଥିଲା । ବୈଠକରେ ଜିଲ୍ଲପାଳ ଦିବ୍ୟଜ୍ୟୋତି ପରିଡା ଅଧକ୍ଷତା କରିଥିଲେ କ୍ଷ ସର୍ବ ପ୍ରଥମେ ମୁଖ୍ୟ ଚିକିତ୍ସା ଅଧିକାରୀ ଅକ୍ଷୟ କୁମାର ଶତପଥୀ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ । ପାଇପ ମାଧମରେ ବିଭିନ୍ନ ଗ୍ରାମକୁ ଜଳଯୋଗାଣ ସମ୍ପର୍କରେ ବିଭାଗୀୟ ଅଧିକାରୀ ତାଙ୍କର ମତ ରଖିଥିଲେ । ପୂର୍ତବିଭାଗର ଯନ୍ତ୍ରୀଙ୍କୁ ମିଶ୍ର ଜିଲ୍ଲାର ବିଭିନ୍ନ ସମ୍ପୂର୍ଣ ଓ ଅସମ୍ପୂର୍ଣ୍ଣ ରାସ୍ତାର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ । ନୂତନ ରେଳ ଲାଇନ ଓ ଏରୋଡ୍ରୋମୋ ପଡ଼ିଆ ନିମନ୍ତେ ଆବଶ୍ୟକ ଥିବା ଜମିର ପରିମାଣ ସମ୍ବନ୍ଧରେ ଭୂ ଅର୍ଜନ ଅଧିକାରୀଙ୍କ ଠାରୁ ଅବଗତ ହୋଇଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଜିଲ୍ଲାରେ ବ୍ଲକ୍ ଶିକ୍ଷଧିକାରୀଙ୍କ ଅଭାବ ସମ୍ପର୍କରେ ଅବଗତ କରିଥିଲେ । ଅର୍ଥ ବିଭାଗର ପ୍ରମୁଖ ସଚିବ ସଂଜୀବ କୁମାର ମିଶ୍ର ୨୦୩୬ ମସିହା ତଥା ଆଗାମୀ ୧୦ ବର୍ଷ ମଧରେ ଓଡ଼ିଶା ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି କରିବା ସମ୍ବନ୍ଧରେ ସୂଚାଇଥିଲେ । ଉକ୍ ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶରତ ଚନ୍ଦ୍ର ମହାପାତ୍ର, ପୌର ଅଧିକାରୀ ଅଭିମନ୍ୟୁ ବେହେରା, ଅତିରିକ୍ତ ଏସପି ଦେବୀ ଶଙ୍କର ପ୍ରତାପ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କୁମାର ପ୍ରଧାନ, ଜିଲ୍ଲା ଯୋଜନା ଏବଂ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ଦେବାଶିଷ ମହାପାତ୍ର, ଉପଖଣ୍ଡ ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତିଙ୍କ ସମେତ ଜିଲ୍ଲାର ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ମଧ ସଭାରେ ଉପସ୍ଥିତ ଥିଲେ ।

## ବିଶିଷ୍ଟ ସ୍ୱର୍ଣ୍ଣ ବ୍ୟବସାୟୀଙ୍କ ପରଲୋକ

ଧାମନଗର(ନିପ୍ର): ଧାମନଗର ବ୍ଲକ ଦୋବଲ ଅଂଚଳ ର ସ୍ୱର୍ଣ୍ଣ ଅଳଙ୍କାର ବ୍ୟବସାୟୀ ପ୍ରେମାନନ୍ଦ କୁଣ୍ଡୁ (୫୭)ଙ୍କ ରବିବାର ପରଲୋକ ଘଟିଛି । ସ୍ୱର୍ଗତ କୁଣ୍ଡୁ କିଛି ଦିନ ଧରି ଅସୁସ୍ଥ ହୋଇ ଘରେ ଥିବା ବେଳେ ଆଜି ସକାଳେ ହଠାତ ତାଙ୍କର ପରଲୋକ ଘଟିଛି । ଧାମନଗର-ଦୋବଲ ସ୍ୱର୍ଣ୍ଣ ଅଳଙ୍କାର ସଙ୍ଘର ସେ ସହସମ୍ପାଦକ ସହିତ ଚୁଡାକୁଟୀ ବଜାରରେ ତାଙ୍କର ଗହଣା ଦୋକାନ ରହିଛି । ଜଣେ ଆଧାତ୍ମିକ, ମେଳାପି ଓ ଅନୁଷ୍ଠାନ ପ୍ରେମୀ ଭାବେ ସମ୍ପୃକ୍ତ ଅଂଚଳରେ ବେଶ ପରିଚିତ । ତାଙ୍କର ପରଲୋକ ଖବରପାଇ ଦୋବଲ ସରପଂଚ ଅଶୋକ କୁମାର ପଣ୍ଡା, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ଯୁବନେତା କୃଷ୍ଣଚନ୍ଦ୍ର ପତି, ରବୀନ୍ଦ୍ର କୁମାର ସାହୁ, ଶିକ୍ଷାବିତ ଭୋଳାନାଥ ସାହୁ, ଶରତଚନ୍ଦ୍ର ସାହୁ, ସ୍ୱର୍ଣ୍ଣ ଅଳଙ୍କାର ସଙ୍ଘର ସଭାପତି ସୌମ୍ୟ ରଞ୍ଜନ ସାହୁ, ସାଧାରଣ ସମ୍ପାଦକ ପ୍ରତାପ କୁମାର ଆନ୍ଦିଆ, ଉପସଭାପତି ରାକେଶ ବାହୁବଳେନ୍ଦ୍ର, କୋଷାଧକ୍ଷ ସୁଜିତ କୁମାର ସାହୁ, ଆଲୋକ ସାହୁ, ସୁରେନ୍ଦ୍ର ସାହୁଙ୍କ ସମେତ ସମସ୍ତ ସଦସ୍ୟ ତାଙ୍କ ବାସଭବନରେ ପହଂଚି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରେମାନନ୍ଦଙ୍କ ପରଲୋକ ପାଇଁ ଧାମନଗର ଅଂଚଳର ସମସ୍ତ ଗହଣା ପ୍ରତିଷ୍ଠାନ ବନ୍ଦ କରାଯିବା ସହିତ ଶୋକ ପ୍ରକାଶ କରିଥିଲେ । ତାଙ୍କ ମରଶରୀରକୁ ଶୋଭା ଯାତ୍ରାରେ ନିଜ ଗ୍ରାମ ଓ ଚୁଡାକୁଟୀ ବଜାର ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ସତ୍କାର କରାଯାଇଛି । ସ୍ୱର୍ଗତ କୁଣ୍ଡୁଙ୍କ ପୁଅ ମନୋଜ କୁଣ୍ଡୁ ମୁଖାଗ୍ନି ଦେଇଛନ୍ତି ।

## କୁନ୍ତଳା କୁମାରୀ ସାବତଙ୍କ ସ୍ମୃତି ଉତ୍ସବ



କଟକ(ନିପ୍ର): ସାରସ୍ୱତ ପୀଠ ସାରଳା ଭବନଠାରେ କୁନ୍ତଳା କୁମାରୀ ସାବତ ଫାଉଣ୍ଡେସନ୍ ପକ୍ଷରୁ ପ୍ରଖ୍ୟାତ ସାରସ୍ୱତ ସାଧିକା ଓ ଚିକିତ୍ସାବିତ୍ କୁନ୍ତଳା କୁମାରୀ ସାବତଙ୍କ ସ୍ମୃତିରେ ଏକ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇ ଯାଇଛି । ମୁଖ୍ୟ ଅତିଥି ଉଦ୍‌ଘାଟକ ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟମୂର୍ତି ଶଶିକାନ୍ତ ମିଶ୍ର ଯୋଗଦେଇ ଉତ୍ସବକୁ ଉଦ୍ଘାଟନ କରିଥିଲେ । ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଓ ସଭାପତି ଡଃ. (ଇଂ) ପ୍ରଭାକର ସ୍ୱାଇଁଙ୍କ ଅଧକ୍ଷତାରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଭେଷଜବିଜ୍ଞାନୀ ପ୍ରଫେସର ଡାକ୍ତର ନିରଞ୍ଜନ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର୍ ଡକ୍ଟର ସତ୍ୟନାରାୟଣ ପଣ୍ଡା ଯୋଗ ଦେଇଥିଲେ । ବିଶିଷ୍ଟ ଲେଖିକା ଡକ୍ଟର ସୌଦାମିନୀ ନନ୍ଦଙ୍କୁ ମର୍ଯ୍ୟାଦାଜନକ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ ସମ୍ମାନ ଓ ପୁରସ୍କାର ସ୍ୱରୂପ ପଚିଶ ହଜାର ଟଙ୍କାର ଅର୍ଥରାଶି, ମାନପତ୍ର ଓ ଉତରୀୟ ପ୍ରଦାନ କରାଯାଇଥିଲା । ଏଥିସହ ବିଶିଷ୍ଟ ଚିକିତ୍ସାବିତ୍ ଡାକ୍ତର ସୁବ୍ରତକୁମାର ଜେନା, ଡାକ୍ତର ଜୟଶ୍ରୀ ପଟ୍ଟନାୟକ, ପ୍ରଫେସର ଡାକ୍ତର ସସ୍ମିତା ସ୍ୱାଇଁ, ପ୍ରଫେସର ଡାକ୍ତର ଗୌତମକୁମାର ଶତପଥୀ ଓ ପ୍ରଫେସର୍ ଡାକ୍ତର ନିଳାବତୀ ଗୁରୁଙ୍କୁ କୁନ୍ତଳାକୁମାରୀ ସାବତ ଚିକିତ୍ସାବିଜ୍ଞାନ ସମ୍ମାନରେ ସମ୍ମାନିତ କରାଯାଇଥିଲା । ମୁଖ୍ୟ ଅତିଥି ଜଷ୍ଟିସ୍ ମିଶ୍ର କହିଲେ, ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ ଭାରତ ଭୂମିର ବିସ୍ମୟକାରୀ ପ୍ରତିଭା । ଫାଉଣ୍ଡେସନ୍‌ର ସମ୍ପାଦକ ଡକ୍ଟର ଚୌଧୁରୀସତ୍ୟ ଦାସ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ । ଉପସଭାପତି ନାଟ୍ୟକାର ସଂଜିତ୍ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟତମ ଉପ-ସଭାପତି ସୋହାଗିନୀ ବେହେରା ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସ୍ମୃତିଚାରଣ କରିଥିଲେ । ସମ୍ବର୍ଦ୍ଧିତ ପ୍ରତିଭାଙ୍କ ଉଦ୍ଦେଶ୍ୟରେ ଡକ୍ଟର ମଞ୍ଜୁଶ୍ରୀ ଶାସ୍ତ୍ରୀ ମାନପତ୍ର ପାଠ କରିଥିଲେ । ଉତ୍ସବକୁ ଇଂ. ସୁଶାନ୍ତ ସେଠୀ, ପୂର୍ଣଚନ୍ଦ୍ର ପଟ୍ଟନାୟକ, ବ୍ରଜକିଶୋର ବେଉରା, କବି ଗୋପା ଦାସ, କବି ଛବିରାଣୀ ପତି, ସରୋଜିନୀ ରାଉତରାୟ, ବିଜୟଲକ୍ଷ୍ମୀ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ବ୍ରହ୍ମାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ବହୁ ବିଶିଷ୍ଟ ସାହିତ୍ୟିକ, ଚିକିତ୍ସାବିତ୍ ଓ ବୁଦ୍ଧିଜିବୀ ଯୋଗ ଦେଇଥିଲେ ।

## ୭ମ ବାର୍ଷିକ ବାରିପଦା ରାଷ୍ଟ୍ରୀୟ ଆଦିବାସୀ ଲଘୁ ଫିଲ୍ମ ମହୋତ୍ସବ ମାର୍ଚ୍ଚ ୨୦ ଓ ୨୧ରେ



ବାରିପଦା(ନିପ୍ର): ସାନ୍ତାଳୀ ଆର୍ଟ ଏଣ୍ଡ ଫିଲ୍ମ ଡେଭେଲପମେଂଟ ଫାଉଣ୍ଡେସନ ଆନୁକୂଲ୍ୟରେ ତଥା ଏନ ଏଫ ଡି ସିର ସହଯୋଗରେ ସ୍ଥାନୀୟ ସହିଦ ସ୍ମୃତି ଭବନରେ ଆୟୋଜିତ ହେବାକୁ ଥିବା ୭ମ ବାର୍ଷିକ ବାରିପଦା ରାଷ୍ଟ୍ରୀୟ ଆଦିବାସୀ ଲଘୁ ଫିଲ୍ମ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ସଂସ୍ଥାର ମୁଖ୍ୟ ପୃଷ୍ଠପୋଷକ ତଥା ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଂସ୍ଥାର ପ୍ରତିଷ୍ଠାତା ଅଧକ୍ଷ ଦୀପକ କୁମାର ବେଶ୍ରା, ସମ୍ପାଦକ ଆନ୍ତା ଆଲୋକ ବାସ୍କେ, ଉପଦେଷ୍ଟା ତଥା ସି ଡି ପି ଓ ବିଟୁ ଟୁଡୁ ଓ ଦିଗୀ ମୁର୍ମୁ ମାର୍ଣ୍ଡି, ସଦସ୍ୟ ସୁମୀ ହାଁସଦା ବେଶ୍ରା, ସୁମାଲି ମୁର୍ମୁ ହେମ୍ବ୍ରମ, ଅର୍ଜୁନ ସୋରେନ, ମିନତୀ ବାସ୍କେ ଓ ପାଲୁ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ରହି ମହୋତ୍ସବର ସଫଳତା ପାଇଁ ସୁଚିନ୍ତିତ ମତ ଦେଇଥିଲେ ଓ ଚଳିତ ମାସ ୨୦ ଓ ୨୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ୧୨ ଟି ଲଘୁ ଫିଲ୍ମ ଓ ୧୮ଟି ଡକୁମେଂଟାରୀ ଫିଲ୍ମ ପ୍ରଦର୍ଶିତ ହେବ ବୋଲି ଗଣମାଧମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି । ଏହି ମହୋତ୍ସବରେ ଓଡିଶା, ତାମିଲନାଡୁ, ପଶ୍ଚିମବଙ୍ଗ, ଆସାମ, ବିହାର, ଝାଡ଼ଖଣ୍ଡ, କେରଳ ଓ ଦିଲ୍ଲୀ ସମେତ ମୋଟ ୮ ରାଜ୍ୟର ୧୨ଟି ଭାଷାରେ ୩୦ ଟି ଫିଲ୍ମ ପ୍ରଦର୍ଶିତ ହେବାର କାର୍ଯ୍ୟକ୍ରମ ରହିଛି । ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇ ଯାଇଛି ବୋଲି ମୁଖ୍ୟ ଆୟୋଜକ ଦୀପକ ବେଶ୍ରା ପ୍ରକାଶ କରିବା ସହ ବହୁ ସଂଖ୍ୟାରେ ଉପସ୍ଥିତ ରହି ନିଃଶୁଳ୍କରେ ଏହି କାର୍ଯ୍ୟକ୍ରମକୁ ଉପଭୋଗ ଅନୁରୋଧ କରିଛନ୍ତି ।

## କୁସୁମାଞ୍ଜଳିର ୫ମ ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ




ନୟାଗଡ଼(ନିପ୍ର): ନୟାଗଡ ରୁ ପ୍ରକାଶିତ ହେଉଥିବା କୁସୁମାଞ୍ଜଳୀର ୫ମ ସ୍ୱନକ୍ଷତ୍ର ଉତ୍ସବ ଓ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ନୟାଗଡ ର ସାମ୍ବାଦିକ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ରେ ପତ୍ରିକା ର ସଭାପତି ଗୋଲକ ବିହାରୀ ନାୟକ ସଭାପତିତ୍ୱ କରିଥିଲା ବେଳେ ନୟାଗଡ ଜିଲ୍ଲା ପରିଷଦର ଅଧକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ଏହାକୁ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଓ ସମାଜସେବୀ ପ୍ରମୋଦ ପଟ୍ଟନାୟକ ଓ ବିଶିଷ୍ଟ ଅତିଥି ଭାବେ ସୁବକ୍ତା ଗୋଦାବରୀ ବସନ୍ତିଆ ଯୋଗଦେଇଥିଲେ । ଅତିଥି ମାନେ ସେମାନଙ୍କର ବକ୍ତବ୍ୟ ରେ ପ୍ରକାଶ କରିଥିଲେ ଯେ ବର୍ତମାନ ଯୁଦ୍ଧ ବିଭୀଷିକା ସମୟରେ ଅଶାନ୍ତ ପରିବେଶ ମଧରେ କବି ମାନେ ସେମାନଙ୍କର କବିତା ର ଲାଳିତ୍ୟ ରେ ସମାଜ କୁ କିଛି ଦିଗ୍ ଦର୍ଶନ ଦେବା ଏବଂ ଦେଶ ରେ ଶାନ୍ତି ପ୍ରତିଷ୍ଠା ଦିଗ ରେ ଆଲୋକପାତ କରିଛନ୍ତି । ଏହା ଦେଶ ଓ ଜାତି ପାଇଁ ଗୌରବ ର କଥା । କବିତା ଗୁଡ଼ିକୁ ଲୁଷ୍ଟୁ ତ୍ରିପାଠୀ ଓ ହରପ୍ରିୟା ଦ୍ୱିବେଦୀ ସଂଯୋଜନା କରିଥିଲେ । ଏହି ଅବସରରେ ଅତିଥି ମାନେ ପ୍ରିୟଦର୍ଶିନୀ ମହାପାତ୍ର , ଜଗଦୀଶ କର,ବିଭୂତି ଭୂଷଣ ପଣ୍ଡା, ଓ ଭଜମନ ପରିଡ଼ା ଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଉତ୍ସବ କୁ କୁସୁମଞ୍ଜଳି ପତ୍ରିକା ର ସମ୍ପାଦକ ଡ଼. ନିର୍ମଳ ଚନ୍ଦ୍ର ଶୂରଦେଓ ପରିଚାଳନା କରିଥିଲେ ।

## ବାରିପଦରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୬

ବାରିପଦା(ନିପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମୟୂରଭଞ୍ଜ ପକ୍ଷରୁ ବାରିପଦା ଠାରେ ଜିଲ୍ଲା ଓ ଦୌରାଜଜଙ୍କ କାର୍ଯ୍ୟାଳୟ ପରିସରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଲୋକ ଅଦାଲତରେ ମୋଟ ୧୨,୫୬୮ ଟି ମାମଲା ମଧ୍ୟରୁ ୪୩୨୧ ଟି ମାମଲାର ଅପୋଷ ବିଚାର ହୋଇ ମୋଟ ୨,୯୪,୮୫,୬୬୬ ଟଙ୍କା ଅଦାୟ ପାଇଁ ସମାଧାନ ହୋଇଥିବା ଜଣାପଡିଛି । ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ସୁଦୀପ୍ତ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପ୍ରାକ ମକଦ୍ଦମା ସମ୍ପର୍କିତ ୬୮୨୭ ଗୋଟି ମାମଲା ମଧ୍ୟରୁ ୮୦୯ ଟି ମାମଲା ଅପୋଷ ବିଚାର ହୋଇ ୧ କୋଟି ୨୨ ଲକ୍ଷ ୧୮ ହଜାର ୯୫୯ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାପଡ଼ିଛି । ସେହିପରି ବକେୟା ଥିବା ବିଭିନ୍ନ ଶ୍ରେଣୀଭୁକ୍ତ ୫୭୪୧ ଗୋଟି ମାମଲା ମଧ୍ୟରୁ ସାଲିସ ଯୋଗ୍ୟ ଫୌଜଦାରୀ ମାମଲା ୫୮ଟି ମଧ୍ୟରୁ ୩ଟି, ଏନ.ଆଇ. ଆକ୍ଟ ଧାରା ୧୩୮ ଅନ୍ତର୍ଗତ ୧୧୨ଟି ମାମଲା ମଧ୍ୟରୁ ୨୪ ଟି, ବ୍ୟାଙ୍କ ଋଣ ଅଦାୟ ସମ୍ବନ୍ଧିତ ୬୬ ଟି ରୁ ୧୫ ଟି, ମୋଟର ଯାନ ଦୁର୍ଘଟଣା ମାମଲା ୧୯୭ଟି ରୁ ୧୫ଟି, ବୈବାହିକ (ଛାଡପତ୍ର ବ୍ୟତୀତ) ସମ୍ବନ୍ଧୀୟ ୧୧୪ଟି ମାମଲା ମଧ୍ୟରୁ ୩୮ ଟି, ରାଜସ୍ୱ ମାମଲା ୩୪୪୯ ଟି ମଧ୍ୟରୁ ୨୪୫୬ ଟି, ଅନ୍ୟାନ୍ୟ ଦେୱାନୀ ମାମଲା ୨୧୭ଟି ମଧ୍ୟରୁ ୪୫ ଟି, ଖାଉଟି ମାମଲା ସମ୍ବନ୍ଧୀୟ ୭ ଟି ମଧ୍ୟରୁ ୧ ଟି ଓ ଅନ୍ୟାନ୍ୟ ଫୌଜଦାରୀ ମାମଲା ୧୨୬୫ ଟି ମଧ୍ୟରୁ ୯୧୫ ଟି ମିଶାଇ ମୋଟ ୩୫୧୨ ଟି ମାମଲାର ଫଇସଲା କରାଯାଇ ମୋଟ ୧ କୋଟି ୭୨ ଲକ୍ଷ ୬୬ ହଜାର ୭୦୭ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାଯାଇଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ରାଜଶ୍ରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପରିବାର ଅଦାଲତ ଜଜ ପ୍ରଜ୍ୟୋତି ରାଉତ, ସିନିୟର ସିଭିଜ ଜଜ (ଏଲ୍.ଆର ଓ ଏଲ୍.ଟି.ଭି ) ସୁଦାମ ଚରଣ ଦାଶ, ସିନିୟର ସିଭିଲ୍ ଜଜ ସତରୂପା ଶତପଥୀ, ଏସ.ଡି.ଜେ.ଏମ. ଜୁୱେଲ ପଟ୍ଟନାୟକ, ଜେ.ଏମ.ଏଫ.ସି-୧ ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଜେ.ଏମ.ଏଫ.ସି କୁମାରୀ ମଧୁଶ୍ରବା ମହାନ୍ତି, ଜେ.ଏମ.ଏଫ.ସି ସୀମା ଅଗ୍ରୱାଲ, ଜେ.ଏମ.ଏଫ.ସି(ଏଲ୍.ଆର ଓ ଏଲ୍.ଟି.ଭି) ଶୁଭ୍ରାଂଶୁ ଠାକୁର ସମେତ ଅନ୍ୟାନ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଓ ମାମଲା ସମାଧାନ ନିମନ୍ତେ ଗଠନ ହୋଇଥିବା ବିଭିନ୍ନ ବେଂଚରେ ନିଯୁକ୍ତ ଥିବା ସଦସ୍ୟ ତଥା ସରକାରୀ ଓକିଲ ଉମାକାନ୍ତ ରାଉତ, ଆଇନଜୀବୀ ସତ୍ୟ ନାରାୟଣ ବେହେରା, କମଳ କୁମାର କୁଆଁରବାବୁ, ଧିରେନ୍ଦ୍ର କୁମାର ମହାପାତ୍ର ତଥା ବାରିପଦା ଓକିଲ ସଂଘର ଅନ୍ୟ ଆଇନଜୀବୀ ତଥା ରାଜସ୍ୱ ବିଭାଗ, ବିଭିନ୍ନ ରାଷ୍ଟ୍ରାୟତ/ ଘରୋଇ ବ୍ୟାଙ୍କ ଅଧିକାରୀ, ଟେଲିଫୋନ ବିଭାଗ, ବିଦ୍ୟୁତ ବିଭାଗ ଓ ପ୍ରାଧିକରଣର ଅନ୍ୟାନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ ।

# ସ୍ୱର୍ଗତ କୁନା ସାହୁଙ୍କ ଅକାଳ ମୃତ୍ୟୁରେ ଗଞ୍ଜାମ ଜିଲ୍ଲା ଓବିସି ମଂଚ ତରଫରୁ ଶୋକସଭା



ବ୍ରହ୍ମପୁର(ନି.ପ୍ର.) : ବ୍ରହ୍ମପୁର ମହାନଗର ଶୁଣ୍ଢି ସମାଜ ସଭାପତି କୁନା ସାହୁଙ୍କ ଅକାଳ ମୃତ୍ୟୁରେ ଗଞ୍ଜାମ ଜ୍ଜିଲ୍ଲା ଓବିସି ମଂଚ ତରଫରୁ ଏକ ଶୋକ ସଭା ରେଡ଼ିଓ ଷ୍ଟେସନ ନିକଟସ୍ଥ ଜ୍ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇସାରିଛି । ପ୍ରଥମେ କୁନା ସାହୁଙ୍କ ଫୋଟ ଉପରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାଥନା କରାଯାଇଥିଲା । ଜ୍ଜିଲ୍ଲା ସଭାପତି ପ୍ରଭାକର ସାହୁ, କୁନା ସାହୁଙ୍କ ସଭାପତିତ୍ୱ ସମୟରେ ଯେଉଁ ସମାଜ ମଙ୍ଗଳ କାର୍ଯ୍ୟକ୍ରମ ଯଥା : ରକ୍ତଦାନ ଶିବିର, ଅର୍ଣ୍ଣଦାନ ଶିବିର, ୃକ୍ଷ ରୋପଣ ଇତ୍ୟାଦି କାର୍ଯ୍ୟକ୍ରମ ହୋଇଥିବା ବିଷୟରେ ବିଶଦ ଭାବେ ସ୍ମୃତି ଚାରଣ କରିଥିଲେ । ଏତଦ ବ୍ୟତୀତ କୁନା ସାହୁ ଦୀର୍ଘ ୬ ବର୍ଷ ନିଖିଳ ଉତ୍କଳ ଶୁଣ୍ଢି ସମାଜରେ ବିଭିନ୍ନ ପଦ ପଦବୀରେ ରହି ବହୁ ସମାଜ ମଙ୍ଗଳ କାର୍ଯ୍ୟକ୍ରମ କରିଥିଲେ । ବାସୁଦେବ ସାହୁକାର, ସୁଧୀର କାନ୍ତ ସାହୁ,ହରପ୍ରିୟା ସାହୁ ମଧ କୁନା ସାହୁଙ୍କ ସ୍ମୃତିଚାରଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଦମୟନ୍ତୀ ସାହୁ, ଧନଲକ୍ଷ୍ମୀ ସାହୁ, ସୁମିତ୍ରା ସାହୁ, ସବିତା ସାହୁକାର,ପୂଜା ବେହେରା, ଭୀଷ୍ମଚାର୍ଯ୍ୟ ଚୌଧୁରୀ, ଜି. ଭାସ୍କର ଦୋରା, ମମତା ସାହୁ, ରେଣୁବାଳା ସାହୁ, ଅଶ୍ୱିନୀ କୁମାର ସାହୁ, ପୀତବାସ ବିଶ୍ୱାଳ, ପ୍ରଶାନ୍ତ କୁମାର ପ୍ରଧାନ, ଅରୁଣ କୁମାର ସାହୁ, ସନ୍ତୋଷ କୁମାର ସାହୁ,ହରପ୍ରିୟା ସାହୁ, ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ମହାବୀର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ




ପୋଲସରା(ନି.ପ୍ର.) ପୋଲସରା ସ୍ଥିତ ମହାବୀର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପ୍ରଥମକରି ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ କରାଯାଇଥିଲା । ଡ଼ା.ସୁଜିତ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ଟ୍ରଷ୍ଟ ସଭାପତି ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସେବାନିବୃତ ପ୍ରଧାନ ଶିକ୍ଷକ ରାଧାଶ୍ୟାମ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ପୋଲସରା ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଦିଲୀପ କୁମାର ନାୟକ, ମୁଖ୍ୟ ବକ୍ତା ରୂପେ ଅବସର ପ୍ରାପ୍ତ ଶିକ୍ଷକ ଦୁର୍ଗାପ୍ରସାଦ ମହାପାତ୍ର ଏବଂ ସମ୍ମାନିତ ଅତିଥି ରୂପେ ଶିକ୍ଷାବିତ୍ ଯୁଥିଷ୍ଠିର ପଣ୍ଡା,ଆଇନଜୀବୀ ସନ୍ୟାସୀ ସାହୁ ଓ ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଭାଷା ବିବୁଧଙ୍କ ଉପସ୍ଥିତିରେ ଭାଷା ଭିତିକ ଆଲୋଚନା ମାଧ୍ୟମରେ ଉପସ୍ଥିତ ଶ୍ରୋତାମାନଙ୍କୁ ଓଡ଼ିଆ ଭାଷାର ଇତିହାସ ଓ ଶ୍ରେଷ୍ଠତା ବିଷୟରେ ଅନେକ କଥା ଜାଣିବାର ସୁଯୋଗ ମିଳିଥିଲା । ପରିଶେଷରେ କାର୍ଯ୍ୟକ୍ରମର ସଂଯୋଜକ ତଥା ଯୁବକବି ରାଇରଞ୍ଜନ୍ ନନ୍ଦ ନିଜସ୍ୱ ଲିଖିତ 'ଆଜି ପରା ଉତ୍କଟ ଦିବସ' କବିତାକୁ ଆବୃତି କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ମୂଲ୍ୟାଙ୍କନ କମିଟିର ୨୨ତମ ବୈଠକରେ ୯ଟି ସଂସ୍ଥାର ଜଳ ଆବଂଟନ ପ୍ରସ୍ତାବକୁ ଜିଲ୍ଲାପାଳଙ୍କ ଅନୁମୋଦନ



ଝାରସୁଗୁଡ଼ା(ନି.ପ୍ର.) ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୨୨ତମ ଜିଲ୍ଲା ସ୍ତରୀୟ ମୂଲ୍ୟାଙ୍କନ କମିଟି (ଡିଇଏସି) ବୈଠକରେ ୯ଟି ବିଭିନ୍ନ ସଂସ୍ଥାର ଭୂତଳ ଜଳ ଆବଂଟନ ଆବେଦନକୁ ଅନୁମୋଦନ ମିଳିଛି । ବୁର୍ଲା ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କ ଦ୍ୱାରା ଉପସ୍ଥାପିତ ସୁପାରିଶକୁ ଭିତି କରି ଜିଲ୍ଲାପାଳ ଏହି ସବୁଜ ସଙ୍କେତ ଦେଇଛନ୍ତି । ଏହି ଅନୁମୋଦନ ଅନୁଯାୟୀ, ଜିଲ୍ଲାରେ କାର୍ଯ୍ୟରତ ୭ଟି ପ୍ରମୁଖ ଶିଳ୍ପ ଓ ଖଣି ଭିତ୍ତିକ ଅନୁଷ୍ଠାନ ସମେତ ୨ଟି ବଡ଼ ହୋଟେଲକୁ ସେମାନଙ୍କର ବୈଷୟିକ ଆବଶ୍ୟକତା ପାଇଁ ଜଳ ବ୍ୟବହାର କରିବାକୁ ଅନୁମତି ପ୍ରଦାନ କରାଯାଇଛି । ଏହି ସଂସ୍ଥାଗୁଡ଼ିକ ପକ୍ଷରୁ ରାଜ୍ୟ ସରକାରଙ୍କ 'ଗୋ-ସ୍ୱିଫ୍ଟ' (ଏଚ୍‌ଡବ୍ଲୁଓଆର୍‌ଏଚ୍) ପୋର୍ଟାଲ ମାଧ୍ୟମରେ ଆବେଦନ କରାଯାଇଥିଲା । ଅନୁମୋଦିତ ସଂସ୍ଥାଗୁଡ଼ିକ ମଧ୍ୟରେ ଶିବାୟ ଲଜିଷ୍ଟିକସ୍, ମାଇକ୍ରୋକୋଲମ୍ବ ରିଫ୍ରାମିନ୍, ଟେକ୍ସୋ ଟ୍ରେଡ୍ ଇଙ୍କ୍, ଗାର୍ଡେନ ପ୍ୟାଲେସ ଆଣ୍ଡ ରିସୋର୍ଟ, ହୋଟେଲ କନିଷ୍କ, କୁରାଲୋଇ (ଏ) ନର୍ଥ କୋଲ, ଓଡ଼ିଶା ମେଟାଲିକ୍ସ, ଆଲ୍ଟ୍ରସ ମାଇନିଂ ସର୍ଭିସେସ ଏବଂ ଉତ୍କଳ ହାଇଡ୍ରୋକାର୍ବନ ସାମିଲ ଅଛନ୍ତି । ବୈଠକରେ ଜଳର ସଦୁପଯୋଗ ଏବଂ ଭୂତଳ ଜଳ ସ୍ତରର ସୁରକ୍ଷା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି । ଜିଲ୍ଲାପାଳଙ୍କ ଏହି ଅନୁମୋଦନ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ଜଳ ସମ୍ପଦ ବିଭାଗର 'ଜଳ ଆବଂଟନ କମିଟି' (ଡବ୍ଲୁଏସି) କୁ ସୁପାରିଶ ପଠାଯାଇଛି ।

# ଜିଲ୍ଲାସ୍ତରୀୟ ବିଶ୍ୱ ଖାଉଟି ଅଧିକାରୀ ୨୦୨୬ପାଳିତ

ପୁରୀ(ନି.ପ୍ର.) ପୁରୀ ଜିଲ୍ଲା ପ୍ରଶାସନ ,ଜିଲ୍ଲା ଓଜନ ଓ ମାପ ବିଭାଗ ଆନୁକୁଲ୍ୟରେ ବିଶ୍ୱ ଖାଉଟି ଅଧିକାର ଦିବସ ୨୦୨୬ ପୁରୀ ଜିଲ୍ଲା ପ୍ରଦର୍ଶିଣୀ ଗୃହରେ ପାଳିତ ହୋଇଯାଇ ଅଛି । ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଉପଭୋକ୍ତା ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ନୀଳ ମାଧବ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଆଲୋଚନା ସଭାରେ ଖାଉଟି ସୁରକ୍ଷା ଆଇନ ୨୦୧୯ ଏବଂ ଖାଉଟି ମାନଙ୍କର ଅଧିକାର ତଥା ସୁରକ୍ଷା "ନିରାପଦ ଉତ୍ପାଦ – ଆଶ୍ୱସ୍ତ ଗ୍ରାହକ" ସଂପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସୂଚନା ପ୍ରଦାନ କରାଯିବା ସହ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହି କର୍ମଶାଳାରେ ପୁରୀ ନଗର ନିଗମର କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ଅଭିମନ୍ୟୁ ବେହେରା,ଉପନୟନ୍ତ୍ରିକା ଓଜନ ଓ ମାପ ବିଭାଗ ପୁରୀ,ଶ୍ରୀମତୀ ପ୍ରଗତି ନାୟକ, ନିରୀକ୍ଷିକା ସୁଶ୍ରୀ ସ୍ୱପ୍ନେଶ୍ୱରୀ ବେହେରା , ଯୋଗାଣ ଅଧିକାରୀ ଶ୍ରୀଯୁକ୍ତ ଛୋଟରାୟ ମାରାଣ୍ଡି ,ବିଶିଷ୍ଟ ସମାଜ ସେବି ପ୍ରଦ୍ୟୁତରଣ ସେଠୀ ପ୍ରମୁଖ ଯୋଗଦାନ କରି ଖାଉଟି ସଚେତନତା ବାର୍ତ୍ତାପ୍ରଦାନ କରିଥିଲେ । ଏହି କର୍ମଶାଳାରେ ଆଇନଜୀବୀ ଶ୍ରୀ ବିଜୟାନନ୍ଦ ମିଶ୍ର ଉପସ୍ଥିତ ସଦସ୍ୟ ମାନଙ୍କୁ ଖାଉଟି ସୁରକ୍ଷା ଆଇନ ସଂପର୍କ ବୁଝାଇବା ସହ ଆଇନର ସୁଫଳ କିପରି ମିଳି ପାରିବ ସେ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ପୁରୀ ଜିଲ୍ଲାର ୭୦ ରୁ ଅଧିକ ଖାଉଟି ଏହି କର୍ମଶାଳାରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିହିତା ଦ୍ୱାରା ଏହି କର୍ମଶାଳା ପରିଚାଳନା କରାଯାଇଥିଲା । ନିହିତାର ସମ୍ପାଦକ ଶ୍ରୀଯୁକ୍ତ ଭକ୍ତ ବିହାରୀ ମିଶ୍ର ଏହି କାର୍ମଶାଳା କୁ ପରିଚାଳନା କରିବା ସହ ଖାଉଟି ମାନେ କିପରି ଅଧିକ ସଶକ୍ତ ହେବେ ସେ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ । ଶ୍ରୀ ଶଶୀ ଶେଖର ପଣ୍ଡା ଉପସ୍ଥିତ ଅତିଥି ଏବଂ ଅଂଶଗ୍ରହଣ କାରୀ ଉପଭୋକ୍ତା ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କୁଲଡିହା ବନ ବିଭାଗ ପକ୍ଷରୁ ପ୍ରକୃତି ପରିଚୟ ଅଭିଯାନ କାର୍ଯ୍ୟକ୍ରମ

ନୀଳଗିରି, (ନି.ପ୍ର.) କୁଲଡିହା ବନ ବିଭାଗ ପକ୍ଷରୁ ଆଜି ପୂର୍ବାହ୍ନ ୧୦ଘଟିକା ସମୟରେ ଭାରପ୍ରାପ୍ତ ରେଞ୍ଜର ତଥା ଏସିଏଫ ସୁବ୍ରତ ବେହେରାଙ୍କ ନେତୃତ୍ୱ ରେ ଜଙ୍ଗଲରେ ବନ୍ୟଜନ୍ତୁ ସୁରକ୍ଷା, ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ପାଇଁ ଏକ ସଚେତନତା ବାଇକ ରାଲି ବନକର୍ମଚାରୀ ଓ ସ୍ଥାନୀୟ ଜନସାଧାରଣଙ୍କୁ ନେଇ କୁଲଡିହା ପାଦଦେଶ ରେ ଥିବା ତେଣ୍ଡା, ଭୁଟାସିମୁଳି, ଟିଆକଟା, ଆମ୍ବଝର, ଚେକାମରା, ଭାଲୁକାଶୁଣି, ସଜନାଗଡ, ବାଲିଚୁଆ, ବାଲିଆନାଳ ସମେତ ୧୪ ଟି ଗ୍ରାମରେ ସଚେତନତା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ରେ ଫରେଷ୍ଟର ହୃଷିକେଶ ପ୍ରଧାନ, ଜୟନ୍ତ ପ୍ରଧାନ, ସୌମ୍ୟରଞ୍ଜନ ମାଝୀ, ବିଜୟ ସାହୁ, ଅଜୟ ଜେନା, ସରୋଜ ପ୍ରଧାନ, ସବୁଜବାହିନୀ ସହିତ ଅନ୍ୟ ବନ କର୍ମଚାରୀ, ବନମାଳୀ ବିଶ୍ୱାଳ, ରତିକାନ୍ତ ବେହେରା ପ୍ରମୁଖ ବହୁ ସ୍ଥାନୀୟ ବାସିନ୍ଦା ସଚେତନତା କାର୍ଯ୍ୟକ୍ରମ ରେ ସାମିଲ ଥିଲେ ।

# 'ନୂଆ ପ୍ରୟାସ' ତରଫରୁ ରକ୍ତଦାନ ଶିବିର: ୭୬ ୟୁନିଟ୍ ରକ୍ତ ସଂଗୃହୀତ

ସୋର(ନି.ପ୍ର.) ସୋର ବ୍ଲକ୍ ଶିଙ୍ଗାଖୁଂଟା ସ୍ଥିତ ପ୍ରାଥମିକ ବିଦ୍ୟାଳୟରେ 'ନୂଆ ପ୍ରୟାସ' ସ୍ୱେଚ୍ଛାସେବୀ ସଂଗଠନ ଓ ବନଶ୍ରୀ ପାଠାଗାର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରପଂଚ ଅନାଦି ଚରଣ ସାମଲ ଶିବିରକୁ ଉଦ୍ ?ଘାଟନ କରିଥିଲେ । ଶିକ୍ଷକ ଦାମୋଦର ପାଣିଗ୍ରାହୀ, ମୁରଲୀଧର ପାଢ଼ୀ ଓ ସମାଜସେବୀ ସୁନୀଲ ରଞ୍ଜନ ବିଶ୍ୱାଳ, ସମିତି ସଭ୍ୟ ପ୍ରଫୁଲ୍ଲ ସେଠୀ, ଅଧ୍ୟାପକ ଦୁର୍ଗାମାଧବ ପାଣିଗ୍ରାହୀ ଓ ଯୁବ ଉଦ୍ୟୋଗୀ ରଞ୍ଜନ ସାମଲ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଅନୁଷ୍ଠାନର ସଭାପତି ଜ୍ୟୋତିରଞ୍ଜନ ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରୁ ୭୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ବାଲେଶ୍ୱର ରକ୍ତକେନ୍ଦ୍ରର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ । ଦୀର୍ଘ ୬ ବର୍ଷ ହେବ ଶିଙ୍ଗାଖୁଂଟା ପରି ଏକ ପାହାଡ଼ି ଇଲାକାରେ ଏଭଳି ଏକ ଉଦ୍ୟମ ଜାରି ରଖି ଆସୁଛ ନୂଆ ପ୍ରୟାସ । ଏଥିରେ ଅନୁଷ୍ଠାନର ଅନ୍ୟ କର୍ମକର୍ତା ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ମାଲକାନଗିରି ଜିଲ୍ଲାରେ 'ଉଲ୍ଲାସ' ସାକ୍ଷରତା ପରୀକ୍ଷା ଅନୁଷ୍ଠିତ

ମାଲକାନଗିରି, : କେନ୍ଦ୍ର ସରକାରଙ୍କ ପ୍ରମୁଖ ଯୋଜନା 'ଉଲ୍ଲାସ'- ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅନ୍ତର୍ଗତ ଆଜି ମାଲକାନଗିରି ଜିଲ୍ଲାରେ ଫାଉଣ୍ଡେସନାଲ ଲିଟ୍ରେସି ଏଣ୍ଡ ନ୍ୟୁମେରେସି ଆସେସମେଂଟ ଟେଷ୍ଟ ସଫଳତାର ସହ ସମ୍ପନ୍ନ ହୋଇଯାଇଛି । ଜିଲ୍ଲାର ପ୍ରାୟ ୮୬୫ଟି କେନ୍ଦ୍ରରେ ଏହି ପରୀକ୍ଷା ଆୟୋଜନ କରାଯାଇଛି । ଏହା କେନ୍ଦ୍ର ସରକାରଙ୍କ ଏକ ଫ୍ଲାଗସିପ ପ୍ରୋଗ୍ରାମ, ଯାହାର ଲକ୍ଷ୍ୟ ହେଉଛି ୧୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ଗୋଷ୍ଠିର ନିରକ୍ଷରଙ୍କୁ ସାକ୍ଷର କରିବା । ଜିଲ୍ଲା ଶିକ୍ଷା ଅଧିକାରୀ ଚିତରଞ୍ଜନ ପାଣିଗ୍ରାହୀଙ୍କ ଅନୁସାରେ ଜିଲ୍ଲାରେ ଯେତେ ସ୍କୁଲରୁ ୟୁଡାଇସ୍ କୋଡ୍ ଅଛି, ସେଗୁଡିକ ଏଫ୍.ଏଲ୍.ଏନ୍.ଏଟି ପରୀକ୍ଷା କେନ୍ଦ୍ର ରୂପେ ନିର୍ଦ୍ଧାରିତ ହୋଇଅଛି । ଏହା ସହ ମାଲକାନଗିରି ଜିଲ୍ଲା ଜେଲ୍ ରେ ଏକ ସ୍ପେସାଲ ଏଫ୍.ଏଲ୍.ଏନ୍.ଏଟି କେନ୍ଦ୍ର ସ୍ଥାପିତ ହୋଇଛି, ଯେଉଁଠାରେ ପ୍ରାୟ ୨୦୦ ଜଣ କାରାବାସୀ ପରୀକ୍ଷାରେ ସାମିଲ ହୋଇଛନ୍ତି । ଜିଲ୍ଲାର ଲିଟେରେସି ଟାର୍ଗେଟ ୩୫୦୦୦ ଥିଲାବେଳେ ଆଜିର ପରୀକ୍ଷାରେ ପ୍ରାୟ ୯୬୦୩ ଜଣ ( ଦିନ ୧୨ଟା ପର୍ଯ୍ୟନ୍ତ) ଲିଟେରେସି ପରୀକ୍ଷା ଦେଇଥିବାର ସୂଚନା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ତଦାରଖ ସମୟରେ ସୂଚନା ଦେଇଛନ୍ତି । ମାଲକାନଗିରି ଜିଲ୍ଲାର ସମସ୍ତ ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷାକୁ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର କର୍ମଚାରୀ ପରିଚାଳନା କରିଥିଲେ ।

# ପୋଲେରୁ ସେତୁ ନିର୍ମାଣ ସ୍ଥଳ ପରିଦର୍ଶନ କଲେ ମାଲକାନଗିରି ଜିଲ୍ଲାପାଳ

ମାଲକାନଗିରି, (ହି.ସ.)- ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକର ଗୁରୁତ୍ୱପୂର୍ଣ୍ଣ ପୋଲେରୁ ସେତୁ ନିର୍ମାଣ କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିଛନ୍ତି ଜିଲ୍ଲାପାଳ ପ୍ରଥମେଶ ଆରବିନ୍ଦ ରାଜଶିର୍କେ । ଆଜି ନିର୍ମାଣାଧୀନ ସେତୁ ସ୍ଥଳ ପରିଦର୍ଶନ କରିବା ସହ କାମ କେତେଦୂର ଆଗେଇଛି, ସେ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା କରିଛନ୍ତି । ପରିଦର୍ଶନ ସମୟରେ ଜିଲ୍ଲାପାଳ ସ୍ଥାନୀୟ ବାସିନ୍ଦାଙ୍କ ସହ ସିଧାସଳଖ କଥା ହୋଇଥିଲେ । ଏହି ସେତୁ କେବଳ ଏକ ଯୋଗାଯୋଗର ମାଧ୍ୟମ ନୁହେଁ, ବରଂ ଅଂଚଳବାସୀଙ୍କ ଆବେଗ ଓ ସଂସ୍କୃତି ସହ ଜଡ଼ିତ । ବିଶେଷକରି ପ୍ରସିଦ୍ଧ ବଡ଼ ଯାତ୍ରା ସମୟରେ ଏହି ରାସ୍ତାର ଗୁରୁତ୍ୱ ଅଧିକ ରହିଥିବାରୁ, ଲୋକଙ୍କ ମହତ୍ୱକୁ ସେ ସ୍ୱୀକାର କରିଛନ୍ତି । ଲୋକଙ୍କ ସୁବିଧା ଓ ସଂସ୍କୃତିର ସୁରକ୍ଷା ଆମର ପ୍ରାଥମିକତା – ଏହି ବାର୍ତା ଦେଇ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି । ସେତୁ ନିର୍ମାଣରେ ହେଉଥିବା ବିଳମ୍ବକୁ ଦୂର କରି ତୁରନ୍ତ ଏହାକୁ ସମ୍ପୂର୍ଣ୍ଣ କରିବାକୁ ସେ କହିଛନ୍ତି ।ସୂଚନାଯୋଗ୍ୟ ଯେ, ପୋଲେରୁ ସେତୁଟି ସ୍ଥାନୀୟ ଅଂଚଳକୁ ଆନ୍ଧ୍ରପ୍ରଦେଶ ସହ ସଂଯୋଗ କରିବା ପାଇଁ ଏକ ପ୍ରମୁଖ ସେତୁ । ଏହାର ନିର୍ମାଣ ଶେଷ ହେଲେ ହଜାର ହଜାର ଲୋକ ଉପକୃତ ହେବା ସହ ଯାତାୟାତରେ ବଡ଼ ପରିବର୍ତନ ଆସିବ । ସେହିପରି ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରକୁ ଅଧିକ ସମୃଦ୍ଧ କରିବା ପାଇଁ ବିଭିନ୍ନ ଧାର୍ମିକ ସ୍ଥଳର ଭିତିଭୂମିର ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି ଜିଲ୍ଲାପାଳ । ଏହି ପରିପ୍ରେକ୍ଷୀରେ, ପୋଲେରୁର ପ୍ରସିଦ୍ଧ ମାଉଳି ମା ମନ୍ଦିର ଏବଂ ମାନ୍ୟମକୋଣ୍ଡା ମନ୍ଦିର ପରିଦର୍ଶନ କରି ଦର୍ଶନ କରିଛନ୍ତି ଶ୍ରୀ ରାଜଶିର୍କେ । ମାନ୍ୟମକୋଣ୍ଡା ଅଂଚଳରେ ଥିବା ଏହି ପ୍ରସିଦ୍ଧ ପୀଠର ଉନ୍ନତିମୂଳକ କାର୍ଯ୍ୟକୁ ନେଇ ଆଲୋଚନା କରାଯାଇଛି । ଏହା ସହିତ ଟାଗରକୋଟା ପାହାଡ଼ ଉପରେ ଥିବା ପ୍ରସିଦ୍ଧ ଶିବ ମନ୍ଦିରର ନିର୍ମାଣାଧୀନ ଭିତିଭୂମି କାର୍ଯ୍ୟ ବୁଲି ଦେଖିଛନ୍ତି । ସୂଚନାଯୋଗ୍ୟ ଯେ, ଟାଗର କୋଟାରେ ଏକ ୩୦ ଫୁଟ ଉଚ୍ଚର ମହାଦେବଙ୍କ ପ୍ରତିମା ଏବଂ ମାଇକ୍ରୋ-ପର୍ଯ୍ୟଟନ ସୁବିଧା ଯଥା ପାନୀୟ ଜଳ, ଆଲୋକୀକରଣ ଓ ପର୍ଯ୍ୟଟକଙ୍କ ପାଇଁ ବ୍ୟବସ୍ଥାର ବିକାଶ ଚାଲିଛି । ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କ ପାଇଁ ଏହି ସ୍ଥାନଗୁଡ଼ିକୁ ଅଧିକ ଆକର୍ଷଣୀୟ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ । ଏହି ଗସ୍ତ ସମୟରେ କାଳିମେଳା ବ୍ଲକ କନିଷ୍ଠ ଯନ୍ତ୍ରୀ, ସହାୟକ ଯନ୍ତ୍ରୀ, ବ୍ଲକ ମଙ୍ଗଳ ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

# ପାଣ୍ଡ୍ରୀପଥର ଟର୍ମିନାଲ୍ ଅନୁଧ୍ୟାନ କଲେ ଜିଲ୍ଲାପାଳ



ଝାରସୁଗୁଡ଼ା(ନି.ପ୍ର.) ଜିଲ୍ଲାରେ ପରିବହନ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ଏବଂ ସହରରୁ ଟ୍ରାଫିକ୍ ଭିଡ଼ କମାଇବା ଲକ୍ଷ୍ୟରେ ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ ପାନ୍ଦ୍ରିପଥର ସ୍ଥିତ ନିର୍ମାଣଧୀନ ଟ୍ରକ୍ ଟର୍ମିନାଲ୍ ପରିଦର୍ଶନ କରିଛନ୍ତି । ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳ ପ୍ରକଳ୍ପର ବର୍ତମାନର ସ୍ଥିତି ଏବଂ ଚାଲୁ ରହିଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ନିକଟରୁ ଏହି ପ୍ରକଳ୍ପ ବାବଦରେ ଅନୁଧ୍ୟାନ କରିଥିଲେ । ପରିଦର୍ଶନ କାଳରେ ଜିଲ୍ଲାପାଳ ଟର୍ମିନାଲ ମଧ୍ୟରେ ଥିବା ଅନ୍ୟାନ୍ୟ ସାଧାରଣ ସୁବିଧାଗୁଡ଼ିକର ଯାଂଚ କରିଥିଲେ । ଟ୍ରକ୍ ଚାଳକମାନେ ଯେପରି ସୁବିଧାରେ ଗାଡ଼ି ପାର୍କିଂ କରିପାରିବେ ଏବଂ ସେମାନଙ୍କ ପାଇଁ ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା କିପରି ସୁନିଶ୍ଚିତ ହେବ, ସେ ନେଇ ଜିଲ୍ଲାପାଳ ଉପସ୍ଥିତ ଇଞ୍ଜିନିୟର ଓ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ଫଳରେ ଝାରସୁଗୁଡ଼ା ମୁଖ୍ୟ ରାସ୍ତାରେ ବେଆଇନ ପାର୍କିଂ ସମସ୍ୟା ଦୂର ହେବ ଏବଂ ଦୁର୍ଘଟଣା ହାର ହ୍ରାସ ପାଇବ ।ଜିଲ୍ଲାପାଳଙ୍କ ଏହି ପରିଦର୍ଶନ ସମୟରେ ଜିଲ୍ଲା ପରିବହନ ବିଭାଗ ଏବଂ ପୂର୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ସମସ୍ତ ବାକି ରହିଥିବା କାର୍ଯ୍ୟକୁ ଖୁବ୍ ଶୀଘ୍ର ଶେଷ କରି ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

## ଗରଡି ପଂଚାୟତ ରେ ବିକାଶ ନାଁରେ କୋଟି କୋଟି ଟଙ୍କା ହରିଲୁଟ

# ଭିଜିଲାନ୍ସ ଅଧିକାରୀ ସାଜିଲେ ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ



ନୀଳଗିରି (ନି.ପ୍ର.)ଗରଡିହି ପଂଚାୟତ ରେ ବିକାଶ ନାଁରେ କୋଟି କୋଟି ଟଙ୍କା ହରିଲୋଟ ଅଭିଯୋଗ ପାଇ ଗ୍ରାଉଣ୍ଡ ଜିରୋରେ ଅଧକ୍ଷା ପହଁଚି ଭିଜିଲାନ୍ସ ଅଧିକାରୀ ପରି ଗ୍ରାମ ବାସୀଙ୍କ ସମ୍ମୁଖରେ ସ୍ଥିତି ପରଖିଥିଲେ ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ । ନୀଳଗିରି ବ୍ଲକ ଗରଡି ପଂଚାୟତ ରେ ଦାୟତ୍ୱ ରେଥିବା ଯନ୍ତ୍ରୀ ଇଂ ରମେଶ ସିଂ ଓ ସ୍ଥାନୀୟ ସରପଂଚ ଶିବାଜୀ ସିଂ ଙ୍କ ମଧୁ ଚନ୍ଦ୍ରିକା ରେ ବାରମ୍ବାର ନିର୍ଦ୍ଦିଷ୍ଟ ବ୍ୟକ୍ତି ଙ୍କୁ ଏକାଧିକ କାର୍ଯ୍ୟଦେଇ ଅତିନିମ୍ନ ମାନର କାମ କରି କୋଟି କୋଟି ଟଙ୍କା ସରକାରୀ ତହବିଲରୁ ଆତ୍ମ ସାତ କରାଯାଉଛି କ୍ଷ ଏନେଇ ଗ୍ରାମ ବାସୀ ଙ୍କ ପକ୍ଷରୁ ଅଭିଯୋଗ କଲେ ବି ଫଳ ଶୁନ ହୋଇଛି ।ସତ ପରୀକ୍ଷକ୍ଷ କରିବାକୁ ଗତକାଲି ପୂର୍ବାହ୍ନ ରେ ଘଟଣା ସ୍ଥଳରେ ପହଂଚି ଥିଲେ ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ ,ଉକ୍ତ କାମ ଗୁଡିକ ଖୋଳିଦେଖିଲା ପରେ ଅତି ନିମ୍ନ ମାନର କାର୍ଯ୍ୟ ହୋଇଥିବା ଦେଖିବାକୁ ପାଇଥିଲେ ।ଗରଡି ପଂଚାୟତ ର କିରିକିଚିଆ ଗାଁ ରେ ୮ଲକ୍ଷ ୫୦ହଜାର ଟଙ୍କା ରେ ନିର୍ମାଣ ହୋଇଥିବା ବନ ସୁରକ୍ଷା ସମିତି ଘର ର ଛାତ ହାତରେ ଟାଣି ଲେ ଫଡା ଫଡା ହୋଇ ଉପାଡି ଯାଉଛି କ୍ଷ ଠିକ ସେହିଭଳି ଭାବରେ କୁଂଚି ବଣିଆ ଟୁନା ସିଂ ଘର ପାଖରେ ୫ଲକ୍ଷ ଟଙ୍କା ରେ ନିର୍ମାଣ ହେବାକୁଥିବା ପୋଲ ସେଠାରେକରା ନ ଯାଇ ଅନ୍ୟତ୍ର ଗରଡ଼ି ଗାଁ ରୁ. କୁଂଚିବଣିଆ ଗାଁ କୁ ଜଙ୍ଗଲ କୁ ଥିବା ରାସ୍ତ ପୋଲ ଅତି ନିମ୍ନ ମାନର ହୋଇ ଥିବା ରୁ ନିର୍ମାଣ କରା ହୋଇଛି । କଳାକାତ ଗ୍ରାମର ମୂଷି ମନ୍ଦିର ଭୋଗ ମଣ୍ଡପ ନିର୍ମାଣ ପାଇଁ ଅନୁମୋଦନ ପ୍ରକଳ୍ପ କୁ ଅର୍ଥ ଦିଆଯାଇଥିବା ବେଳେ ଚଂଚକତା କରି ମନ୍ଦିର ଜାଗାରେ ନ କରି ସୀତାରାମ କ୍ଲବ ଜାଗାରେ କାର୍ଯ୍ୟ ଚାଲିଛି । ସେ ଭଳି କଳାକାଦ ଗାଁ ବଡ଼ ପୋଖରୀ ପୁନଉଦ୍ଧାର ଓ ଗାର୍ଡ ୱାଲ ଦୀର୍ଘ ଦିନ ଧରି ଚାଲିଥିଲେ ସୁଦ୍ଧା ସୂଚନା ଫଳକ ରେ କେଉଁ କେଉଁ ଯୋଜନାରୁ କେତେ ଟଙ୍କା ଅନୁଦାନ ଆସିଛି ତାହା ଆଜିସୁଦ୍ଧା ଲେଖିନାହିଁନ୍ତି ।ସବୁଠାରୁ ଆଶ୍ଚର୍ଯ୍ୟ କଥା କାମକୁ ଶ୍ରମିକ ମାନଙ୍କ ଦ୍ୱାରା କରାନଯାଇ ମେସିନସାହାଯ୍ୟରେ ଖୋଳୁଛନ୍ତି ।ଏହି ପରି ବିଭିନ୍ନ ଗାଁ ରାସ୍ତା, ଗରଡ଼ି ପୋଖରୀ ,ଅଙ୍ଗନବାଡି ଘର, ସ୍କୁଲ ଘର, ଡ୍ରେନ, କମ୍ୟୁନିଟି ସେଂଟରରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଛି ।ଉକ୍ତ ପଂଚାୟତ ରେ ଯନ୍ତ୍ରୀ ,ପିଇଓ ଓ ସରପଂଚ. ଙ୍କ ମଧୁ ଚନ୍ଦ୍ରିକା ରେ କୋଟି ଟଙ୍କା ଅନିୟମିତତା କୁ ନିରପେକ୍ଷା ତଦନ୍ତ କରିବାକୁ ଗ୍ରାମ ବାସୀ ମାନେ ନୀଳଗିରିବି. ଡି.ଓ, ନୀଳଗିରି, ଉପଜିଲ୍ଲାପାଳ ନୀଳଗିରି ଓ ଦୁର୍ନୀତି ନିବାରଣ ବିଭାଗ ଙ୍କ ଠାରେ ଅଭିଯୋଗ କରିଛନ୍ତି କ୍ଷଘଟଣା ସମ୍ପର୍କରେ ଅତିରିକ୍ତ ନିବାର୍ହି ଯନ୍ତ୍ରୀ ଇଂ ଶରତ ଚନ୍ଦ୍ର ଉପାଧ୍ୟାୟ ଙ୍କୁ ପଚାରିବାରୁ ମୁଁ ଅଭିଯୋଗ ପାଇ ନାହିଁ, ଅଭିଯୋଗ ଆସିଲେ ତଦନ୍ତ କରି କାର୍ଯ୍ୟ ନୁଷ୍ଠା ଗ୍ରହଣ କରିବେ ବୋଲି କହିଛନ୍ତି ।

# ଧାମନଗର: ସଧାରଣ ଲୋକଙ୍କୁ ଅନ୍ଧାରରେ ରଖି ବିନା ସୂଚନା ଫଳକରେ ନିମ୍ନମାନର ରାସ୍ତା କାମ



ଧାମନଗର(ନି.ପ୍ର.) ଧାମନଗର ବ୍ଲକର ଏବେ ବିଭିନ୍ନ ସ୍ଥାନ ରେ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି । ପ୍ରାୟ ୩ କୋଟି ଟଙ୍କା ବ୍ୟୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଚାଲିଥିବା ଧାମନଗର-କ୍ଷେଣ୍ଟପୁର ପୂର୍ତ ବିଭାଗ ରାସ୍ତାର ବେଦପୁର ଛକରୁ ମାନଲାପୁର ତାରିଣୀ ଛକ ଭାୟା ଦକ୍ଷିଣକୁରୁଆ ରାସ୍ତାର ଏହି ପ୍ରଶସ୍ତିକରଣ କାର୍ଯ୍ୟରେ ବୈଷୟିକ ନିୟମକୁ ଜଳାଞ୍ଜଳି ଦିଆଯାଉଥିବାରୁ ସ୍ଥାନୀୟ ଅଂଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସରକାରୀ ପ୍ରକଳ୍ପ ଆରମ୍ଭ ପୂର୍ବରୁ ସେଠାରେ ଏକ ସୂଚନା ଫଳକ ଲଗାଯିବା କଥା । ଯାହାକି ସଧାରଣ ଲୋକ ଅବଗତ ହୋଇ ପାରିବେ । ମାତ୍ର ବେଦପୁର ଛକରୁ ମାନଲାପୁର ତାରିଣୀ ଛକ ପର୍ଯ୍ୟନ୍ତ ଚାଲିଥିବା ଏହି କାର୍ଯ୍ୟସ୍ଥଳରେ କୌଣସି ସୂଚନା ଫଳକ ନାହିଁ । କିଏ ଏହି କାମ କରୁଛି ଏବଂ କେଉଁ ଠିକା ସଂସ୍ଥାକୁ ଏହାର ଦାୟିତ୍ୱ ଦିଆଯାଇଛି, ସେ ନେଇ ବିଭାଗ ପକ୍ଷରୁ ସ୍ପଷ୍ଟ ସୂଚନା ଦିଆଯାଉ ନାହିଁ । ଯାହା ଶୁଣିବାକୁ ମିଳେ ୩ କୋଟି ଟଙ୍କାର ପ୍ରକଳ୍ପ, କିନ୍ତୁ ସରକାରୀ ସ୍ତରରେ ଏହାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ରାସ୍ତାଟି ସମ୍ପୂର୍ଣ୍ଣ ଭାବେ ବୈତରଣୀ ନଦୀର ବନ୍ୟା ପ୍ରଭାବିତ ଅଂଚଳରେ ଅବସ୍ଥିତ । ମାତ୍ର ୪୦୦ ମିଟର ଦୂରରେ ଆନନ୍ଦପୁର ପଂଚାୟତର ଉତେଇପୁର ରେ ବୈତରଣୀର ମଲ୍ଲିମାହାରା ଏସକେପ ରହିଛି । ବନ୍ୟା ସମୟରେ ଏହି ଏସକେପ ଦେଇ ଆସୁଥିବା ହଜାର ହଜାର ଘନଫୁଟର ପାଣି ସିଧାସଳଖ ଏହି ରାସ୍ତା ଉପରେ ପିଟି ହୋଇଥାଏ । ଗତ ୨୦୨୨ ଅଗଷ୍ଟ ବନ୍ୟାରେ ଏହି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା ଏବଂ କଂକ୍ରିଟ୍ ସ୍ଲାବଗୁଡ଼ିକ ନଷ୍ଟ ହୋଇଯାଇଥିଲା । ତଥାପି, ବୈଷୟିକ ଆକଳନ ଅନୁସାରେ ରାସ୍ତାର ସୁରକ୍ଷା ପାଇଁ ଉଭୟ ପାର୍ଶ୍ୱରେ କାନ୍ଥ ନିର୍ମାଣ କରାଯାଉ ନାହିଁ । ଅଭିଯୋଗ ଅନୁଯାୟୀ, ରାସ୍ତାଟି ଗ-୩୦ ଗ୍ରେଡର ସିମେଂଟ ମିକ୍ସରେ ହେବା କଥା, କିନ୍ତୁ ଏଠାରେ ବାଲି, ସିମେଂଟ ଓ ଚିପ୍ସର ଭାଗ ଅତ୍ୟନ୍ତ ନିମ୍ନମାନର ରହୁଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ପାଣିର ପ୍ରଖର ସ୍ରୋତ ସହିବା ଭଳି ଏହି ରାସ୍ତାରେ ଲୁହା ରଡ୍ ବ୍ୟବହାର କରାଯାଉ ନାହିଁ । ଏହି କାରଣରୁ ଆଗାମୀ ବନ୍ୟାରେ ରାସ୍ତାଟି ପୁଣି ଧୋଇଯିବାର ଆଶଙ୍କା ଦେଖାଦେଇଛି । ଖଡ଼ିପଦା ପଂଚାୟତର ବୈକୁଣ୍ଠି, ମୁଥାନଗର, ଆନନ୍ଦପୁର ପଂଚାୟତର ଶତପଥୀ ସାହି, ନଡ଼ିଆବାଗ, ଉତେଇପୁର, ଖଡ଼ିପଦା ପଂଚାୟତର ଦକ୍ଷିଣକୁରୁଆ ଅଂଚଳରେ ରହୁଥିବା ହଜାର ହଜାର ଲୋକଙ୍କ ସୁବିଧା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଏପରି ନିମ୍ନମାନର କାର୍ଯ୍ୟ ସାଧାରଣ ଜନତାଙ୍କ ଅର୍ଥକୁ ପାଣିରେ ପକାଇବା ସଦୃଶ ହୋଇଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟର ମାନ ଯାଂଚ କରିବାକୁ ଦାବି ହେଉଛି ।

# ୪୮୫ଟି ମାଓ ପ୍ରଭାବିତ ଗ୍ରାମକୁ ମିଳିବ କ୍ରୀଡ଼ା ସାମଗ୍ରୀ : ରାଜ୍ୟସରକାର



ଭୁବନେଶ୍ୱର: ଓଡ଼ିଶାର ଦୁର୍ଗମ ତଥା ମାଓ ପ୍ରଭାବିତ ଅଂଚଳର ଯୁବପିଢ଼ିଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଏବଂ ସେମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନକ୍ରମେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ "ଗ୍ରାମୋଦୟ"ଅଭିଯାନ ମାଧ୍ୟମରେ ୧୦ଟି ଜିଲ୍ଲାର ୪୮୫ଟି ମାଓ ପ୍ରଭାବିତ ଗ୍ରାମକୁ କ୍ରୀଡ଼ା ସାମଗ୍ରୀ ଯୋଗାଇ ଦିଆଯିବ । ଏହି ଯୋଜନା ପାଇଁ କ୍ରୀଡ଼ା ବିଭାଗ ପକ୍ଷରୁ ମୋଟ ୨,୪୨,୫୦,୦୦୦ ଟଙ୍କା (୨ କୋଟି ୪୨ ଲକ୍ଷ ୫୦ ହଜାର) ମଞ୍ଜୁର କରାଯାଇଛି । ପ୍ରତ୍ୟେକ ଚିହ୍ନିତ ଗ୍ରାମକୁ ୫୦,୦୦୦ ଟଙ୍କା ମୂଲ୍ୟର କ୍ରୀଡ଼ା କିଟ୍ ପ୍ରଦାନ କରାଯିବ । ବରଗଡ଼, ବଲାଙ୍ଗୀର, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଏବଂ ରାୟଗଡ଼ା ଜିଲ୍ଲାର ଯୁବକଯୁବତୀମାନେ ଏହାଦ୍ୱାରା ଉପକୃତ ହେବେ ।

# ଦୁଇ ଦିନିଆ ବେଲଜିୟମ ଗସ୍ତରେ ଯିବେ ବୈଦେଶିକ ମନ୍ତ୍ରୀ



ନୂଆଦିଲ୍ଲୀ : ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କର ମାର୍ଚ୍ଚ ୧୫ ରୁ ୧୬ ପର୍ଯ୍ୟନ୍ତ ବେଲଜିୟମର ବ୍ରସେଲ୍ସକୁ ସରକାରୀ ଗସ୍ତ କରିବେ । ଏହି ଗସ୍ତ ସମୟରେ, ସେ ବୈଦେଶିକ ବ୍ୟାପାର ପରିଷଦ ବୈଠକରେ ୨୭ ଟି ୟୁରୋପୀୟ ସଂଘ ସଦସ୍ୟ ରାଷ୍ଟ୍ରର ବୈଦେଶିକ ମନ୍ତ୍ରୀଙ୍କ ସହ ଆଲୋଚନା କରିବେ ।ଏହି ଗସ୍ତ ସମୟରେ, ବୈଦେଶିକ ମନ୍ତ୍ରୀ ୟୁରୋପୀୟ ସଂଘର ନେତୃତ୍ୱ ସହିତ, ବେଲଜିୟମ ଏବଂ ଅନ୍ୟାନ୍ୟ ୟୁରୋପୀୟ ସଂଘ ସଦସ୍ୟ ରାଷ୍ଟ୍ରର ତାଙ୍କ ପ୍ରତିପକ୍ଷଙ୍କ ସହିତ ବୈଠକ କରିବେ ।








# ଗୌହାଟିର ବିଭିନ୍ନ ସ୍ୱାସ୍ଥ୍ୟସେବା ପ୍ରକଳ୍ପର ଉଦ୍‌ଘାଟନ ଏବଂ ଭିତିପ୍ରସ୍ତର ସ୍ଥାପନ କଲେ ଅମିତ ଶାହ



ଗୌହାଟି : କେନ୍ଦ୍ର ମନ୍ତ୍ରୀ ଅମିତ ଶାହ ଆସାମ ଗସ୍ତର ଦ୍ୱିତୀୟ ରବିବାର ଦିନ,ରାଜ୍ୟର ବିଭିନ୍ନ ସ୍ୱାସ୍ଥ୍ୟସେବା ପ୍ରକଳ୍ପର ଉଦଘାଟନ ଏବଂ ଭିତିପ୍ରସ୍ତର ସ୍ଥାପନ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉପସ୍ଥିତ ଜନତାଙ୍କୁ ତାଙ୍କର ଅଭିଭାଷଣ ଆରମ୍ଭ କରିଥିଲେ - ଆଦିଶକ୍ତି କାମାଖ୍ୟା ଏବଂ ମହାନ ଐତିହାସିକ ବ୍ୟକ୍ତିତ୍ୱ ଲଚିତ ବରଫୁକନ, ବୀର ଚିଲାରାୟ ଏବଂ ମହାରାଜ ପୃଥୁଙ୍କୁ ମନେପକାଇ କରିଛନ୍ତି । ଏହି ଅଭିଭାଷଣ ସମୟରେ, ରାହୁଲ ଗାନ୍ଧୀଙ୍କୁ ସମାଲୋଚନା କରି ସେ ମନ୍ତବ୍ୟ ଦେଇଥିଲେ ଯେ ସେ ସଂସଦକୁ କେବଳ ଚା ଏବଂ ପକୁଡି ଖାଇବାକୁ ଯାଆନ୍ତି ।ରାହୁଲଗାନ୍ଧିଙ୍କୁ ସଂସଦର କାର୍ଯ୍ୟଧାରା ବିଷୟରେ ଜଣାନାହିଁ ।ସଂସଦ ବ୍ରେକଫାଷ୍ଟ କରିବା ସ୍ଥାନ ନୁହେଁ ।ଗୌହାଟିର ବିରୁଓ୍ୱାରୀରେ କେନ୍ଦ୍ର ଗୃହମନ୍ତ୍ରୀ ଶାହ ପ୍ରଗଜ୍ୟୋତିଶ ମେଡିକାଲ କଲେଜ ପରିସରରେ ଆୟୋଜିତ ଏକ ଉତ୍ସବରେ ରାଜ୍ୟର ବିଜେପି ସରକାର ଏବଂ ମୁଖ୍ୟମନ୍ତ୍ରୀ ଡକ୍ଟର ହିମନ୍ତ ବିଶ୍ୱ ଶର୍ମାଙ୍କ କାର୍ଯ୍ୟଦକ୍ଷତା ଏବଂ ପଦକ୍ଷେପକୁ ପ୍ରଶଂସା କରିଥିଲେ ।ସେ କହିଥିଲେ, 'ଦଶ ବର୍ଷ ପୂର୍ବେ, ରାଜ୍ୟର ସ୍ୱାସ୍ଥ୍ୟସେବା ଭିତିଭୂମି ଅତ୍ୟନ୍ତ ଖରାପ ମାନର ଥିଲା । ଆଜି, ଆସାମର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଯଥେଷ୍ଟ ଉନ୍ନତି ହୋଇଛି ।ଆସାମରେ ଅନେକ ଉତ୍କୃଷ୍ଟ ଚିକିତ୍ସା ପ୍ରତିଷ୍ଠାନ ପ୍ରତିଷ୍ଠିତ ହୋଇଛି । ବିଶେଷକରି କର୍କଟ ପ୍ରତିଷ୍ଠାନର ନିର୍ମାଣ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଏକ ଅଭୂତପୂର୍ବ ପ୍ରୋତ୍ସାହନ ପ୍ରଦାନ କରିଛି ।' ରତନ ଟାଟାଙ୍କୁ ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ମନେପକାଇଛନ୍ତି।। ଶାହ ଆହୁରି ଉଲ୍ଲେଖ କରିଛନ୍ତି ସରକାରୀ ହସ୍ପିଟାଲ ସେଟିଂ ମଧ୍ୟରେ ପ୍ରୋଟନ୍ ଥେରାପି ସେବା ଦେଶର ପ୍ରଥମ ରାଜ୍ୟ 'ଆସାମ ହେବାକୁ ଯାଉଛି । ଉତର-ପୂର୍ବ ଅଂଚଳରେ କର୍କଟ ରୋଗୀଙ୍କ ସଂଖ୍ୟା ଅଧିକ ଦେଖାଯାଉଛି । ବିରୋଧୀ କଂଗ୍ରେସ ଦଳକୁ ଟାର୍ଗେଟ କରି ଶାହ ଅଭିଯୋଗ କରିଥିଲେ ଯେ କଂଗ୍ରେସ କେବଳ ନିଜ ପରିବାରର ମଙ୍ଗଳ ପାଇଁ ଚିନ୍ତିତ, ରାଜ୍ୟର ନାଗରିକଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପ୍ରତି କୌଣସି ଧ୍ୟାନ ଦେଉନାହିଁ ।

# ଇନ୍ଧନ ଯୋଗାଣ ଓ ଉତ୍ପାଦନ ବ୍ୟବସ୍ଥାକୁ ଦୃଢ଼ କରିବାରେ ଭାରତର ସଫଳତା

ନୂଆଦିଲ୍ଲୀ : ସାଧାରଣତଃ, ସ୍ୱାଭାବିକ ସମୟରେ ଇନ୍ଧନ କ୍ଷେତ୍ରରେ ଢାଂଚାଗତ ପରିବର୍ତନ ଆଣିବା ପ୍ରାୟତଃ ଘଟିନଥାଏ । ଏହା ସେତିକି ବେଳେ ଘଟିଥାଏ ଯେତେବେଳେ ବହୁ ସମୟ ଧରି ଏକ ସଙ୍କଟକୁ ଅଣଦେଖା କରାଯାଏ ଏବଂ କୌଣସି ପଦକ୍ଷେପ ଗ୍ରହଣ କରାଯାଏ ନାହିଁ । ତଥାପି, ଗତ ୧୧ ବର୍ଷ ମଧ୍ୟରେ, ମୋଦୀ ସରକାର ଏହାର ବିପରୀତ କାର୍ଯ୍ୟ କରିଛନ୍ତି । ପରିସ୍ଥିତି ପ୍ରତିକୂଳ ନଥିଲେ ମଧ୍ୟ ସରକାର ଇନ୍ଧନ କ୍ଷେତ୍ରରେ ଢାଂଚାଗତ ପରିବର୍ତନ କାର୍ଯ୍ୟକାରୀ କରିଛନ୍ତି । ସରକାର ଭାରତକୁ ବିଶ୍ୱ ଇନ୍ଧନ ଯୋଗାଣ ଶୃଙ୍ଖଳର ପ୍ରତିବନ୍ଧକ ପାଇଁ ଅଧିକ ସ୍ଥିର ବ୍ୟବସ୍ଥା ସୃଷ୍ଟି କରିବାରେ ସକ୍ଷମ କରିଛନ୍ତି । ଘରୋଇ ଉତ୍ପାଦନକୁ ବିସ୍ତାର କରି, ନୂତନ ଇନ୍ଧନ ଉତ୍ସ ଦିଗରେ ପରିବର୍ତନକୁ ଆଗେଇ ନେଇ ଏବଂ ଯୋଗାଣ ଉତ୍ସକୁ ବିବିଧ କରି ମୋଦୀ ସରକାର ଦେଶକୁ ନିଜର ଶକ୍ତି ଆବଶ୍ୟକତା ପାଇଁ ବାହ୍ୟ ଆଘାତ ପ୍ରତି ଅଧିକ ଦୃଢ଼ତା ପ୍ରଦାନ କରିଛି । ଭାରତ ପାଇଁ ଏହି ସମସ୍ୟାର ସମାଧାନର ପଥ କେବେବି କଷ୍ଟକର ନଥିଲା । ତେବେ ଏହାକୁ ନିରନ୍ତର ଭାବରେ ଅନୁସରଣ କରିବା ଲାଗି ରାଜନୈତିକ ଇଚ୍ଛାଶକ୍ତିର ଆବଶ୍ୟକତା ଥିଲା । ଗତ ଏକ ଦଶନ୍ଧି ଧରି, ମୋଦୀ ସରକାର ତାଙ୍କ ଯୋଜନା ଉପରେ ଦୃଢ଼ ରହିବାକୁ ନିଷ୍ପତି ନେଇଥିଲେ ।



ସରକାର ସାଧାରଣ ଲୋକଙ୍କ ନିକଟରେ ନିଜକୁ ଉତରଦାୟୀ କରିଥିଲେ ଯେଉଁମାନେ ସେମାନଙ୍କ ସମସ୍ୟାର ସମାଧାନ ଚାହାଁନ୍ତି । ଏହାର ରଣନୀତି ତିନୋଟି ସ୍ତମ୍ଭ ଉପରେ ନିର୍ଭର କରିଥିଲା, ପ୍ରତ୍ୟେକଟି ସରକାରଙ୍କଠାରୁ ଭିନ୍ନ ସ୍ତରର ପ୍ରତିବଦ୍ଧତା ଦାବି କରୁଥିଲା । ପ୍ରଥମ ରଣନୀତି ଥିଲା ଘରୋଇ ଉତ୍ପାଦନ । ପେଟ୍ରୋଲ ସହିତ ଇଥାନଲ୍ ମିଶ୍ରଣ । ୨୦୦୧ ମସିହାରେ ଏକ ପରୀକ୍ଷାମୂଳକ ପ୍ରକଳ୍ପ ଭାବରେ ଆରମ୍ଭ ହୋଇଥିଲା । ତଥାପି, ବହୁ ବର୍ଷ ଧରି, ଭାରତ କୌଣସି ଅଗ୍ରଗତି କରିପାରିନଥିଲା ଏବଂ ଇଥାନଲ୍ ଉତ୍ପାଦନ ସ୍ଥିର ରହିଥିଲା । ୨୦୧୪ ପରେ, ବ୍ୟାପକ ସଂସ୍କାର ମାଧ୍ୟମରେ, ଭାରତ ଏହି ପଦକ୍ଷେପର ପୂର୍ଣ୍ଣ ସମ୍ଭାବନାକୁ ସାକାର କରିପାରିଥିଲା । ମୋଦୀ ସରକାରଙ୍କ ଅଧୀନରେ, ଦେଶ ଶକ୍ତି ସୁରକ୍ଷା ବୃଦ୍ଧି କରିବା, ଜଳବାୟୁ ପରିବର୍ତନ ମୁକାବିଲା କରିବା ଏବଂ ଗ୍ରାମୀଣ ଅର୍ଥବ୍ୟବସ୍ଥାକୁ ବୃଦ୍ଧି କରିବା ପାଇଁ ବ୍ୟାପକ ସଂସ୍କାରର ଏକ ଶୃଙ୍ଖଳା ଆରମ୍ଭ କରିଥିଲେ । ଇଥାନଲ୍ ମିଶ୍ରଣ କାର୍ଯ୍ୟକ୍ରମ (ଇବିପି) ପ୍ରଥମେ ୨୦୩୦ ସୁଦ୍ଧା ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣର ଲକ୍ଷ୍ୟ ଧାର୍ଯ୍ୟ କରିଥିଲା । ତେବେ ୨୦୨୦ରେ, ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି (ସିସିଇଏ) ଏହି ଲକ୍ଷ୍ୟକୁ ୨୦୨୫କୁ ଘୁଂଚାଇ ଆଣିଥିଲେ, କାରଣ ଭୂରାଜନୈତିକ ଝଟକା ସାମ୍ନାରେ ଦେଶର ଶକ୍ତି ଆମଦାନୀ କ୍ଷେତ୍ରରେ ରହିଥିବ ଦୁର୍ବଳତାକୁ ହ୍ରାସ କରିବା ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା । ନିରନ୍ତର ପ୍ରୟାସ ଏବଂ ନୀତିଗତ ଧ୍ୟାନର ଫଳସ୍ୱରୂପ, ପେଟ୍ରୋଲରେ ଇଥାନଲ୍ ମିଶ୍ରଣ ୨୦୧୪ରେ ୧.୫ ପ୍ରତିଶତରୁ ୨୦୨୫ରେ ୨୦ ପ୍ରତିଶତକୁ ବୃଦ୍ଧି ପାଇଥିଲା, ଅର୍ଥାତ୍ ୧୧ ବର୍ଷ ମଧ୍ୟରେ ୧୩ ଗୁଣ ବୃଦ୍ଧି ପାଇଲା । ଇଥାନଲ୍ ଉତ୍ପାଦନ ୨୦୧୪ରେ ୩୮ କୋଟି ଲିଟରରୁ ବୃଦ୍ଧି ପାଇ ୨୦୨୫ ଜୁନ୍ ସୁଦ୍ଧା ୬୬୧.୧ କୋଟି ଲିଟରକୁ ବୃଦ୍ଧି ପାଇଥିଲା । ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣ କାର୍ଯ୍ୟକ୍ରମ ଏବେ ବାର୍ଷିକ ପ୍ରାୟ ୪୪ ନିୟୁତ ବ୍ୟାରେଲ୍ ଅଶୋଧିତ ତୈଳ ସଂଚୟ କରୁଛି । ଦ୍ୱିତୀୟ ରଣନୀତି ଥିଲା ଶକ୍ତି କ୍ଷେତ୍ରରେ ଦୃଢ଼ ପରିବର୍ତନ ହାସଲ କରିବା ଅର୍ଥାତ୍ ବିକଳ୍ପ ଇନ୍ଧନକୁ ଆପଣାଇବା । ମୋଦୀ ସରକାର ଦେଶର ବୈଦ୍ୟୁତିକ ଯାନ (ଇଭି) ଶିଳ୍ପର ସମସ୍ତ ସ୍ତରରେ ବିକାଶକୁ ସମର୍ଥନ କରିଥିଲେ । ସରକାର ଅଟୋମୋବାଇଲ କ୍ଷେତ୍ରରେ ୧୦୦% ପ୍ରତ୍ୟକ୍ଷ ବିଦେଶୀ ନିବେଶ (ଏଫଡିଆଇ)କୁ ଅନୁମତି ଦେଇଥିଲେ । ଫଳରେ ଗତ ଚାରି ବର୍ଷ ମଧ୍ୟରେ ୩୬ ବିଲିୟନ ଏଫଡିଆଇ ଆକୃଷ୍ଟ କରିଥିଲା । ଅଟୋମୋବାଇଲ ଉତ୍ପାଦନ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ନବସୃଜନକୁ ଉତ୍ସାହିତ କରିବା ଏବଂ ଯୋଗାଣ ଶୃଙ୍ଖଳା କ୍ଷମତା ନିର୍ମାଣ କରିବା ପାଇଁ ପ୍ରୋତ୍ସାହନ ଯୋଜନା ପ୍ରଚଳନ କରାଯାଇଥିଲା ।

# ସମ୍ବଲପୁରରେ 'ବିର୍ଲା ଓପନ୍ ମାଇଣ୍ଡସ୍ ଇଂଟରନ୍ୟାସନାଲ୍ ସ୍କୁଲ୍'ର ଉଦ୍‌ଘାଟନ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ



ସମ୍ବଲପୁର : ଶିକ୍ଷା କେବଳ ପାଠ୍ୟପୁସ୍ତକ ମଧ୍ୟରେ ସୀମିତ ରହିବା ଉଚିତ୍ ନୁହେଁ । ପିଲାମାନେ ବହିରୁ ଯାହା ପଢ଼ନ୍ତି, ତା'ଠାରୁ ଅଧିକ ସେମାନେ ନିଜ ପରିବେଶ ଓ ଅନୁଭୂତିରୁ ଶିଖନ୍ତି । ପାରମ୍ପରିକ ଶିକ୍ଷାର ସୀମା ଲଂଘି ପିଲାଙ୍କୁ ଅନୁଭୂତିମୂଳକ ଶିକ୍ଷା ଦେବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ଆଜି ସମ୍ବଲପୁରର ଭାଲୁବାହାଲରେ 'ବିର୍ଲା ଓପନ୍ ମାଇଣ୍ଡସ୍ ଇଂଟରନ୍ୟାସନାଲ୍ ସ୍କୁଲ୍'ର ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ । ଜାତୀୟ ଶିକ୍ଷା ନୀତି ୨୦୨୦ର ଗୁରୁତ୍ୱ ଏବଂ ମାତୃଭାଷା ଆଧାରିତ ଶିକ୍ଷା ଉପରେ ଆଲୋକପାତ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, କେବଳ ଇଂରାଜୀରେ ପଢିଲେ ପିଲାମାନେ ଗ୍ଲୋବାଲ୍ ବା ଆନ୍ତର୍ଜାତୀୟ ସ୍ତରର ହେବେ ନାହିଁ । ମାତୃଭାଷାରେ ଶିକ୍ଷା ଗ୍ରହଣ କଲେ ହିଁ ପିଲାଙ୍କ ବୁଝିବାର ଶକ୍ତି ବୃଦ୍ଧି ପାଏ ଏବଂ ସେମାନଙ୍କ ଚିନ୍ତାଧାରାରେ ସ୍ୱଷ୍ଟତା ଆସିଥାଏ । ଜାପାନ, ଜର୍ମାନ ଏବଂ ଚୀନ ଭଳି ବିକଶିତ ରାଷ୍ଟ୍ରର ଉଦାହରଣ ଦେଇ ସେ କହିଛନ୍ତି ଯେ, ଏହି ଦେଶଗୁଡିକରେ ବିଜ୍ଞାନ ଓ ସର୍ବୋତମ ଶିକ୍ଷା ନିଜ ମାତୃଭାଷାରେ ହିଁ ଦିଆଯାଏ । ତେଣୁ ଆମକୁ ମଧ୍ୟ ଆମର ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ମାତୃଭାଷା ଅନୁସାରେ ଶିକ୍ଷା ପ୍ରଦାନ କରିବା ଆବଶ୍ୟକ । କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି, ଜାତୀୟ ଶିକ୍ଷା ନୀତି ୨୦୨୦ ଅଧୀନରେ ନର୍ସରୀରୁ କେଜି ୧ ଓ କେଜି ୨ ପର୍ଯ୍ୟନ୍ତ 'ବାଲବାଟିକା' ମାଧ୍ୟମରେ ପିଲାଙ୍କୁ ମାତୃଭାଷାରେ ପଢାଇବାକୁ ଗୁରୁତ୍ୱ ଦିଆଯାଇଛି । ପିଲାମାନେ କେବଳ ବହିରୁ ନୁହେଁ, ବରଂ ଖେଳ, ନୃତ୍ୟ, ସଙ୍ଗୀତ ମାଧ୍ୟମରେ ପାଠ ଶିଖୁଛନ୍ତି । ପ୍ରଥମ ଥର ପାଇଁ ପାଠ ସହ ଦକ୍ଷତାକୁ ଗୁରୁତ୍ୱ ଦିଆଯାଇଛି । ବିର୍ଲା ଓପନ୍ ମାଇଣ୍ଡସ୍ ଇଂଟରନ୍ୟାସନାଲ୍ ସ୍କୁଲ୍ ମଧ୍ୟ ଏହିଭଳି ବ୍ୟବସ୍ଥା ଆପଣାଇବା ଦରକାର । ବୀର ସୁରେନ୍ଦ୍ର ସାଏଙ୍କ ବୀରତ୍ୱ ଏବଂ କୁଦୋପାଲିର ସଂଗ୍ରାମୀଙ୍କ ବଳିଦାନକୁ ମନେ ପକାଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଆମ ଶିକ୍ଷା ବ୍ୟବସ୍ଥା ଦୀର୍ଘ ଦିନ ଧରି ଗୋଲାମୀ ମାନସିକତା ଦ୍ୱାରା ପ୍ରଭାବିତ ହୋଇ ରହିଥିଲା । କିନ୍ତୁ ବ□ମାନ ସମୟରେ ପିଲାମାନେ ନିଜ ସଂସ୍କୃତି ଓ ପରମ୍ପରା ସହ ଯୋଡି ହେବା ଆବଶ୍ୟକ । ଖିଣ୍ଡା, ଦେବ୍ରିଗଡ଼ ଏବଂ ହୀରାକୁଦ ଭଳି ସ୍ଥାନ ପରିଦର୍ଶନ କରି ପିଲାମାନେ ସେହି ସ୍ଥାନରୁ ବାସ୍ତବ ଅଭିଜ୍ଞତା ହାସଲ କରିବା ଉଚିତ୍ । ବୋଲି ଶ୍ରୀ ପ୍ରଧାନ ଆଶା ବ୍ୟକ୍ତ କରିଛନ୍ତି ।

# ବନ୍ଧୁକ ଛାଡ଼ି ମୁଖ୍ୟସ୍ରୋତରେ ସାମିଲ ହେଲେ ୧୧ ମାଓବାଦୀ




ଭବାନୀପାଟଣା: ଆତ୍ମସମର୍ପଣ କଲେ ୧୧ ମାଓବାଦୀ । ରବିବାର କଳାହାଣ୍ଡି ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି । କଳାହାଣ୍ଡି ପୁଲିସ ପକ୍ଷରୁ ଭବାନୀପାଟଣା ରିଜର୍ଭ ପୁଲିସ ପଡିଆଠାରେ ମାଓବାଦୀ ଆତ୍ମସମର୍ପଣ ସମାରୋହ ଅୟୋଜନ କରାଯାଇଥିଲା । ଏଥିରେ ଓଡିଶା ପୁଲିସ ଡିଜି ୱାଇ ବି ଖୁରାନିଆ ଯୋଗଦେଇ ଆତ୍ମସମର୍ପଣ କରିଥିବା ୧୧ ମାଓବାଦୀଙ୍କୁ ରାଷ୍ଟ୍ରର ମୁଖ୍ୟସ୍ରୋତରେ ସାମିଲ ହୋଇଥିବାରୁ ସ୍ୱାଗତ ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ । ଆତ୍ମସମର୍ପଣ ଓ ପୁନର୍ବାସ ନୀତିରେ ସମସ୍ତଙ୍କୁ ସୁବିଧା ଯୋଗାଇ ଦିଆଯିବ । ଦୀର୍ଘ ୨୫ବର୍ଷର ଲଢ଼େଇର ଅନ୍ତଃ ହେବାକୁ ଯାଉଛି । ଏଥିପାଇଁ ଆମ ଅନେକ ସୁରକ୍ଷା ବଳର ବାହାଦୁର ସୁରକ୍ଷା କର୍ମୀ ବଳିଦାନ ଦେଇଛନ୍ତି । ମାଓମୁକ୍ତ ଦେଶର ଆହ୍ୱାନ ଦେଇ ଗୃହ ରାଷ୍ଟ୍ରମନ୍ତ୍ରୀ ଯେଉଁ ସମୟ ଅବଧି ମାର୍ଚ୍ଚ ୨୦୨୬ ଧାର୍ଯ୍ୟ କରିଛନ୍ତି । ତାହା ପାଖେଇ ଆସୁଛି । ଆମ ସୂଚନା ଅନୁସାରେ କଳାହାଣ୍ଡି କନ୍ଧମାଳ ଓ ରାୟଗଡ଼ା ସୀମାନ୍ତରେ ଆଉ ପ୍ରାୟ ୧୫ ଜଣ ମାଓବାଦୀ ଲୁଚିଛନ୍ତି । ଆମର ଧର୍ଯ୍ୟର ମଧ୍ୟ ଏକ ସୀମା ଅଛି । ସେମାନେ ଶୀଘ୍ର ଆତ୍ମ ସମର୍ପଣ କରି ହିଂସାର ରାସ୍ତା ଛାଡ଼ନ୍ତୁ ବୋଲି ଡିଜି ଆହ୍ୱାନ କରିଛନ୍ତି । ରାଜ୍ୟରେ ମାଓବାଦୀଙ୍କ ଦବଦବା କମିବାରେ ଲାଗିଛି । ସରକାରଙ୍କ ଆତ୍ମସମର୍ପଣ ଓ ପୁନର୍ବାସ ନୀତିରେ ଅନୁପ୍ରାଣିତ ହୋଇ ପୁଣି ୧୧ ଜଣ ସକ୍ରିୟ ମାଓବାଦୀ ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି । ଆତ୍ମସମର୍ପଣ କରିଥିବା ଏହି କ୍ୟାଡରମାନଙ୍କ ମଧ୍ୟରେ ଜଣେ ଡିଭିଜନାଲ୍ କମିଟି ମେମ୍ବର, ୫ ଜଣ ଏରିଆ କମିଟି ମେମ୍ବର ଏବଂ ୫ ଜଣ ପାର୍ଟି ମେମ୍ବର ରହିଛନ୍ତି । ଏହି ସମସ୍ତ କ୍ୟାଡର ମୋଟ ୧ କୋଟି ୩୪ ଲକ୍ଷ ୨୩ ହଜାର ୬୯୦ ଟଙ୍କାର ପୁରସ୍କାର ଓ ସହାୟତା ରାଶି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି ୧୧ ଜଣ ମାଓବାଦୀ ଆତ୍ମସମର୍ପଣ କରିବା ପରେ କେବିଏନ ମାଓ ସଂଗଠନ ପୂର୍ଣ୍ଣ ଦୁର୍ବଳ ହୋଇ ପଡିଛି ଏବଂ ଚଳିତ ମାର୍ଚ୍ଚ ମାସ ଶେଷ ସୁଦ୍ଧା କେବଳ କଳାହାଣ୍ଡି ନୁହଁ ଓଡ଼ିଶା ମାଓମୁକ୍ତ ହୋଇଯିବ ବୋଲି ଏହି ସମାରୋହରେ ଉପସ୍ଥିତ ବରିଷ୍ଠ ପୁଲିସ ପଦାଧିକାରୀ କହିଛନ୍ତି । ମାଓବାଦୀ ମାନଙ୍କଠାରୁ ବହୁ ପରିମାଣର ରାଇଫଲ, ବନ୍ଧୁକ ଓ ଗୁଳିଗୋଳା ଆଦି ଆସ୍ତ୍ରଶସ୍ତ୍ର, ମାଓ ସାମଗ୍ରୀ ଉଦ୍ଧାର କରାଯାଇଛି ।

# ଓଡ଼ିଶାର ନୀଳ ଅର୍ଥନୀତିର ଗତିବିକାଶ ପାଇଁ ଦୂରଦୃଷ୍ଟିମୟ ରୋଡମ୍ୟାପ୍ ଉନ୍ମୋଚନ କଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର: ଓଡ଼ିଶାର ନୀଳ ଅର୍ଥନୀତିର ଗତିବିକାଶ ପାଇଁ ଏକ ଦୂରଦୃଷ୍ଟିମୟ ରୋଡମ୍ୟାପ୍ ଉନ୍ମୋଚିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଇଡକୋ ଅଧ୍ୟକ୍ଷା ଉଷା ପାଢୀ ଭୁବନେଶ୍ୱରରେ ଆୟୋଜିତ ଗ୍ଲୋବାଲ୍ ବ୍ଲୁ ଇକୋନୋମି ସମିଟ୍-୨୦୨୬ ଅବସରରେ ଏହାକୁ ଉନ୍ମୋଚନ କରିଛନ୍ତି । ଏହା ମାଧ୍ୟମରେ ସ୍ଥାୟୀ ସାମୁଦ୍ରିକ ଅଭିବୃଦ୍ଧି, ନବସୃଜନ ଓ ଉପକୂଳବର୍ତୀ ଅଂଚଳର ସମୃଦ୍ଧିକୁ ନୂତନ ଗତି ଦେବା ଲକ୍ଷ୍ୟ ରହିଛି । ରାଜ୍ୟର ୪୮୦ କିଲୋମିଟରରୁ ଅଧିକ ଦୀର୍ଘ ଉପକୂଳରେଖା ଓଡ଼ିଶାକୁ ବ୍ଲୁ ଇକୋନୋମି କ୍ଷେତ୍ରରେ ବିଶେଷ ରଣନୈତିକ ସୁବିଧା ପ୍ରଦାନ କରୁଥିବା କଥା ଉଲ୍ଲେଖ କରି ଶ୍ରୀମତୀ ପାଢୀ କହିଥିଲେ ଯେ, ଏହି ସମ୍ଭାବନାକୁ ସ୍ଥାୟୀ ଓ ପରିବେଶ-ସମନ୍ୱିତ ଉନ୍ନୟନରେ ପରିଣତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ । ଏହି ରୋଡମ୍ୟାପ୍‌ର କେନ୍ଦ୍ରବିନ୍ଦୁ ହେଉଛି 'ପୋର୍ଟ-ଲେଡ୍ ଅର୍ବାନାଇଜେସନ୍' ରଣନୀତି । ଏହା ଅନୁଯାୟୀ ପାରାଦୀପ, ଧାମରା ଓ ଗୋପାଳପୁର ଭଳି ପ୍ରମୁଖ ବନ୍ଦରକୁ କେନ୍ଦ୍ର କରି ବ୍ଲୁ ଇକୋନୋମି ଇଣ୍ଡଷ୍ଟ୍ରିଆଲ୍ ହବ୍ ଗଢ଼ିଉଠିବ, ଯାହା ସାମୁଦ୍ରିକ ବାୟୋଟେକ୍ନୋଲୋଜି, ଗ୍ରୀନ୍ ସିପିଂ ଓ କୃତ୍ରିମ ବୁଦ୍ଧିମତା ଆଧାରିତ ସାମୁଦ୍ରିକ ପରିଚାଳନା ଭଳି ଉଦୀୟମାନ କ୍ଷେତ୍ରରେ ନିବେଶ ଓ ନବସୃଜନକୁ ଉତ୍ସାହିତ କରିବ ।

# ମହିଳା ସିନିୟର ଆନ୍ତଃଜୋନ ଟ୍ରଫି କ୍ରିକେଟ: ପୂର୍ବାଂଚଳ ଦଳରେ ୪ ଓଡ଼ିଆ ଖେଳାଳି



ଭୁବନେଶ୍ୱର: ମହିଳା ସିନିୟର ଆନ୍ତଃଜୋନ ମଲ୍ଟି ଡେ ଟ୍ରଫି କ୍ରିକେଟ ପାଇଁ ପୂର୍ବାଂଚଳ ଦଳର ଘୋଷଣା କରାଯାଇଛି । ଘୋଷିତ ଦଳରେ ଓଡିଶାର ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି । ସେମାନେ ହେଲେ ମାଧୁରୀ ମେହେଟ୍ଟା, ସରିତା ମେହେର, ସୁଶ୍ରୀ ଦିବ୍ୟଦର୍ଶନୀ ଓ ରୀମା ଲକ୍ଷ୍ମୀ ଏକ୍କା । ନିକଟରେ ମହିଳା ଦିନିକିଆ ସିରିଜରେ ଭଲ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଏହି ଟ୍ରଫି ପାଇଁ ସୁଯୋଗ ମିଳିଛି । ଓଡିଶା ବ୍ୟତୀତ ବେଙ୍ଗଲରୁ ୪, ଝାରଖଣ୍ଡରୁ ୩, ଆସାମରୁ ୨ ଏବଂ ବିହାର ଓ ତ୍ରିପୁରାରୁ ଜଣେ ଲେଖାଏଁ ଖେଳାଳି ସ୍ଥାନ ପାଇଛନ୍ତି । ସାଇକା ଇଶକ ଅଧିନାୟିକା ଦାୟିତ୍ୱ ତୁଲାଇବେ । ଓଡିଶାର ମଧୁସ୍ମିତା ବେହେରାଙ୍କୁ ଦଳର ସହକାରୀ କୋଚ ଭାବେ ନିଯୁକ୍ତ କରାଯାଇଛି । ପୂର୍ବାଂଚଳ ଦଳ: ସାଇକା ଇଶକ(ଅଧିନାୟିକା), ବିଦିଶା ଦେ, ମିତା ପଲ, ତନୂଶ୍ରୀ ସର୍କାର, ସରିତା ମେହେର, ସୁଶ୍ରୀ ଦିବ୍ୟଦର୍ଶନୀ, ମାଧୁରୀ ମେହେର, ରୀମା ଲକ୍ଷ୍ମୀ ଏକ୍କା, ଦେବଯାନୀ ପ୍ରସାଦ, କୁମାରୀ ମେଘା, ପ୍ରିୟଙ୍କା ଲୁଥରା, ଅପୂର୍ବ କୁମାରୀ, ଜିନ୍ତିମଣି କଲିତା, ଗାୟତ୍ରୀ ଗୌରାଙ୍ଗ ଓ ମୋଚିଙ୍ଗେ ଦେବନାଥ ।

# ଟି-୨୦ ବିଶ୍ୱକପ ଟ୍ରଫି ସହ ସିଦ୍ଧିବିନାୟକ ମନ୍ଦିରରେ ଆଶୀର୍ବାଦ ଭିକ୍ଷା କଲେ ସୂର୍ଯ୍ୟକୁମାର ଯାଦବ-ଗୌତମ ଗମ୍ଭୀର



ମୁମ୍ବାଇ: ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏବଂ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମୁମ୍ବାଇର ପ୍ରସିଦ୍ଧ ସିଦ୍ଧି ବିନାୟକ ମନ୍ଦିର ଯାଇ ଆଶୀର୍ବାଦ ଭିକ୍ଷା କରିଛନ୍ତି । ସାଙ୍ଗରେ ଉଭୟ ନିକଟରେ ଜିତିଥିବା ଟ୍ୱେଂଟି-୨୦ ବିଶ୍ୱକପ୍ ଟ୍ରଫିକୁ ମଧ୍ୟ ନେଇଥିଲେ । ଏଥିନେଇ ମନ୍ଦିରର କୋଷାଧ୍ୟକ୍ଷ ଆଚାର୍ଯ୍ୟ ପବନ ତ୍ରିପାଠୀ କହିଛନ୍ତି ଯେ ବିଶ୍ୱକପ୍ ଜିତିବା ପରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ, ପ୍ରଶିକ୍ଷକ ଗୌତମ ଗମ୍ଭୀର ଏବଂ ଆଇସିସି ଅଧ୍ୟକ୍ଷ ଜୟ ଶାହ ଏଠାକୁ ଆସି ପୂଜାର୍ଚ୍ଚନା କରିଥିଲେ । ସେମିଫାଇନାଲ୍ ପୂର୍ବରୁ ମଧ୍ୟ ଭାରତୀୟ ଦଳର ସମସ୍ତ ସଦସ୍ୟ ଆସି ଭଗବାନ ଶ୍ରୀଗଣେଶଙ୍କ ଦର୍ଶନ କରିଥିଲେ । ଏହା ପୂର୍ବରୁ ଭାରତୀୟ ଦଳ ବିଶ୍ୱକପ୍ ଟ୍ରଫିକୁ ଅହମଦାବାଦର ହନୁମାନ ମନ୍ଦିର ନେଇ ପୂଜାର୍ଚ୍ଚନା କରିଥିଲେ । ଯାହାକୁ ନେଇ ପୂର୍ବତନ ବିଶ୍ୱବିଜୟୀ ଭାରତୀୟ କ୍ରିକେଟର କୀର୍ତି ଆଜାଦ ପ୍ରଶ୍ନ ଉଠାଇଥିଲେ । ଏଥିନେଇ କିନ୍ତୁ ଭୀଷଣ ଟ୍ରୋଲ୍‌ର ସମ୍ମୁଖୀନ ହୋଇଥିଲେ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**